## ପଣାସଂକ୍ରାନ୍ତିରେ ନେତାଙ୍କ ପ୍ରଚାର

# ମନ୍ଦିର ବୁଲିଲେ, ପଣାବାଣ୍ଟି ଲୋକଙ୍କ ସହ ମିଶିଲେ

ବଲାଙ୍ଗିର, ୧୪।୪(ସମିସ)

ନିର୍ବାଚନ ଯେତିକି ପାଖେଇ ଆସୁଛି ବଲାଙ୍ଗିର ରାଜନୀତି ସେତିକି ସରଗରମ ହେବାରେ ଲାଗିଛି। ତିନି ପ୍ରମୁଖ ରାଜନୈତିକ ଦଳ ବଲାଙ୍ଗିର ସଦର ବିଧାନସଭାଆସନରେ ନିଜ ପ୍ରାର୍ଥୀ ଘୋଷଣା କରିସାରିଥିବାବେଳେ ତିନି ଜଣଙ୍କ ପାଇଁ ଏହି ଆସନ ନୂଆ। ତେଣୁ ପ୍ରଥମଥର ହିଁ ବିଜୟ ମୁକୁଟ ପିନ୍ଧିବାପାଇଁ ତିନି ନେତାଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଛି। ଏମିତିରେ ଯଦି କିଛି ଧାର୍ମିକ ପର୍ବରେ ଆଖିରେ ଅଛି ତେବେ ଲୋକଙ୍କ ପାଖକୁ ପହଞ୍ଚିବା ସହ ମାଇଲେଜ ନେବା ପାଇଁ କିଏବା ନ ଚାହିଁବ। ଯେଉଁଥିପାଇଁ ବଲାଙ୍ଗିରରେ ରବିବାର ତିନି ରାଜନେତା ଓ ସମର୍ଥକଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା।

ରବିବାର ପଣାସଂକ୍ରାନ୍ତି ହୋଇଥିବାରୁ ବଲାଙ୍ଗିର ସହର ଉତ୍ସବମୁଖର ହୋଇଥିଲା। ଛକ, ଗଳି ମାନଙ୍କରେ ହନୁମାନଙ୍କ ପୂଜା କରାଯିବା ସହ ପଣା ବଣ୍ଟନର କାର୍ଯ୍ୟକ୍ରମ ରହିଥିଲା। ଆଉ ଦିନ କେଇଟାପରେ ନିର୍ବାଚନ ରହିଥିବାରୁ ଏହି ସୁଯୋଗକୁ କିଏ ବା ହାତଛଡ଼ା କରିବ। ଲୋକଙ୍କ ନିକଟତର ହେବା ସହ ନେତାମାନଙ୍କୁ ବିଭିନ୍ନ ମନ୍ଦିରରେ



ହେଉଥିବା କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ବଲାଙ୍ଗିର ସଦର ବିଧାନସଭା ପାଇଁ ତିନିଦଳ ନିଜ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ବିଜେଡିରୁ କଳିକେଶ ପ୍ରଥମଥର ପାଇଁ ବଲାଙ୍ଗିର ସଦର ଆସନରୁ ନିର୍ବାଚନ ଲଢୁଥିବାବେଳେ କଂଗ୍ରେସରୁ ମଧ୍ୟ ପ୍ରଥମଥର ପାଇଁ ବିଧାୟକ ନିର୍ବାଚନ ଲଢୁଛନ୍ତି ସମରେନ୍ଦ୍ର ମିଶ୍ର। ତାଙ୍କ ବିରୋଧରେ ବିଜେପି ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ମଧ୍ୟ ପ୍ରଥମଥର ପାଇଁ ନିର୍ବାଚନ ଲଢୁଛନ୍ତି। ଏହା ପୂର୍ବରୁ ସମରେନ୍ଦ୍ରଙ୍କ ବାପା ନରସିଂହ ମିଶ୍ର ଓ କଳିକେଶଙ୍କ ବାପା ଅନଙ୍ଗଉଦୟ ସିଂହଦେଓ ମୁହାଁମୁହିଁ ହୋଇସାରିଛନ୍ତି। ତିନିପ୍ରାର୍ଥୀଙ୍କ ପାଇଁ ୨୦୨୪ ସାଧାରଣ ନିର୍ବାଚନ ସୁଯୋଗ ଓ ସମ୍ଭାବନାର ନିର୍ବାଚନ ହୋଇଥିବାବେଳେ ବିଜୟ ମୁକୁଟ ପିନ୍ଧିବା ପାଇଁ ଜୋରଦାର ପ୍ରୟାସ ଜାରି ରଖିଛନ୍ତି। ବିଭିନ୍ନ ସ୍ଥାନରେ ପକ୍କା ବଲାଙ୍ଗିରିଆ ହୋର୍ଡିଂ ଲଗାଇ କଂଗ୍ରେସ ସମର୍ଥକମାନେ ପଣାବଣ୍ଟନ କରିଥିବା ଦେଖିବାକୁ ମିଳିଥିଲା। ସେହିପରି କଳିକେଶଙ୍କୁ ମଧ୍ୟ ବିଭିନ୍ନସ୍ଥାନରେ ତାଙ୍କର ସମର୍ଥକମାନଙ୍କ ଦ୍ୱାରା ଦିଆଯାଉଥିବା ପଣାବଣ୍ଟନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ଏହାସହ ହନୁମାନମନ୍ଦିର ମଧ୍ୟ ସେ ବୁଲି ଆଶୀର୍ବାଦ ନେବାସହ ଲୋକଙ୍କ ସହ ମିଶିଥିଲେ। ସେହିପରି ଗୋପାଳଜୀ ପାଣିଗ୍ରାହୀ ମଧ୍ୟ ସହରର ବିଭିନ୍ନ ସ୍ଥାନ ବୁଲି ପଣା ବଣ୍ଟନ କରିବା ସହ ଲୋକଙ୍କସହ ଆଲୋଚନା କରିଥିଲେ। ତେବେ ମତଦାତାମାନଙ୍କ ଧାର୍ମିୟ ଭାବନାକୁ ସମ୍ମାନ ଜଣାଇ ଏହି ନେତାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା କହୁଥିବାବେଳେ ଲକ୍ଷ୍ୟ କିନ୍ତୁ ସେମାନଙ୍କ ଭିନ୍ନ ତାହା ସମସ୍ତଙ୍କୁ ଜଣା। ଏହାରି ଭିତରେ ନେତାଙ୍କ ଏହିଭଳି ଭୋଟ ପ୍ରଚାର ସାଧାରଣରେ ଚର୍ଚ୍ଚା ସୃଷ୍ଟି କରିଛି।

## ହନୁମାନ ଜୟନ୍ତୀକୁ ନେଇ ଉତ୍ସବମୁଖର ବଲାଙ୍ଗିର



ବଲାଙ୍ଗିର, ୧୪।୪(ସମିସ): ଆଜି ପବିତ୍ର ପଣା ସଂକ୍ରାନ୍ତି। ଏହା ହିନ୍ଦୁ ଧର୍ମର ଏକ ବଡ଼ପର୍ବ ହୋଇଥିବା ବେଳେ ହନୁମାନଙ୍କ ଜୟନ୍ତୀ ଉତ୍ସବ ମଧ୍ୟ ପାଳନ କରାଯାଇଥାଏ। ତେବେ ପଣାସଂକ୍ରାନ୍ତିରେ ବଲାଙ୍ଗିର ସହରରେ ଉତ୍ସବର ମହୋଲ ଦେଖିବାକୁ ମିଳିଥିଲା। ସହରର ବିଭିନ୍ନ ସ୍ଥାନରେ ଥିବା ହନୁମାନ ମନ୍ଦିରରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଲୋକେ ମନ୍ଦିର ବୁଲି ଦର୍ଶନ କରିଥିଲେ। ବିଭିନ୍ନ ମନ୍ଦିରମାନଙ୍କରେ ପୂଜା ଉତ୍ସବ ସହ ଭୋଗବଣ୍ଟନ ଓ ପଣାବଣ୍ଟନର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ମଧ୍ୟ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ସନ୍ଧ୍ୟାରେ ଜନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ହିନ୍ଦୁହନୁମାନ ଭକ୍ତ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା କୋଶଳ କଳାମଣ୍ଡପ ପଡ଼ିଆରୁ ବାହାରି ସହର ପରିକ୍ରମା କରିଥିଲା। ହନୁମାନ ଜୟନ୍ତୀକୁ ଆଖିରେ ରଖି ପୁଲିସ ପକ୍ଷରୁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସହରରେ ଦିନତମାମ ଭିଡ଼ ଦେଖିବାକୁ ମିଳିଥିବା ବେଳେ ସହର ଉତ୍ସବ ମୁଖରିତ ରହିଥିଲା।

## ଚମ୍ପାସର ଗ୍ରାମରେ ପାନୀୟ ଜଳ ସଙ୍କଟ

ପାଟଣାଗଡ଼, ୧୪।୪(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଭରତବହାଲ ପଞ୍ଚାୟତ ଚମ୍ପାସର ଗ୍ରାମରେ ପାନୀୟଜଳ ସଙ୍କଟ ଦେଖାଦେଇଛି। ଏହି ଗ୍ରାମରେ ପାନୀୟଜଳ ସମସ୍ୟା ଦୂର କରିବା ପାଇଁ ରାଜ୍ୟ ସରକାର ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ବଲାଙ୍ଗିର ଦ୍ୱାରା ୫୮ ଲକ୍ଷ ୭୪ ହଜାର ବ୍ୟୟରେ ବସୁଧା ଯୋଜନାରେ ଗ୍ରାମର ସମସ୍ତ ପରିବାରକୁ ଜଳ ଯୋଗାଣ ପାଇଁ ଜଳଯୋଗାଣ ପ୍ରକଳ୍ପ ମଞ୍ଜୁର କରିଛନ୍ତି।




ଉକ୍ତ କାର୍ଯ୍ୟ ନାମଫଳକରେ ୨୦୨୪ ଫେବୃଆରୀ ୨୪ରେ ଶେଷ ହେବାକଥା। କିନ୍ତୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଗ୍ରାମବାସୀ ପାଣି ଟୋପାଏ ପାଇଁ ଡହଳ ବିକଳ ହେଉଛନ୍ତି। ଏ ପର୍ଯ୍ୟନ୍ତ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇନାହିଁ। ଏହି ଗ୍ରାମରେ ତିନି ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗ୍ରାମରେ ଯେଉଁ ଛୋଟ ପୋଖରୀ ଟିଏ ଅଛି କାଦୁଅ ହୋଇଯାଇଛି। ଗ୍ରାମବାସୀଙ୍କୁ ଭୋଟ ସମୟରେ ନେତା ମାନେ ଉକ୍ତ ପୋଖରୀକୁ ସଫା କରିବା ପାଇଁ କେବଳ ପ୍ରତିଶ୍ରୁତି ହିଁ ଦେଇଛନ୍ତି। ଗ୍ରୀଷ୍ମ ଋତୁରେ କେବଳ ଗ୍ରାମରେ ଥିବା ଦୁଇଟି ନଳକୂପ ଉପରେ ଭରସା ଗାଧୋଇବା ଠାରୁ ପିଇବା ପର୍ଯ୍ୟନ୍ତ। ଯେଉଁ ବସୁଧା ଯୋଜନାରେ ପାଣି ଟୋପାଏ ପାଇବା ପାଇଁ ଗ୍ରାମବାସୀ ଆଶା ରଖିଥିଲେ ତାହା ମଧ୍ୟ ପୂରଣ ହୋଇପାରିନାହିଁ। ଗତ ୬ ମାସ ତଳେ ଏହି ଯୋଜନାରେ ଗ୍ରାମରେ କାମ ଆରମ୍ଭ ହୋଇଥିଲା ସେହି ସମୟରେ ନାମ ଫଳକ ମଧ୍ୟ ଦିଆଗଲା ଓ ଫଳକରେ ୨୪.୨.୨୪ ତାରିଖରେ କାମ ସାରିବାର ଅବଧି ମଧ୍ୟ ଲେଖାଗଲା। ହେଲେ କାମ ହୋଇନାହିଁ। ଏ ବିଷୟରେ ଦାୟିତ୍ୱରେ ଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଜନୀକାନ୍ତ ବାଗ୍‌ଙ୍କୁ ପଚାରିବାରୁ ଠିକାଦାର ଜଣକ ଫଳକ ଦେଇଥିଲେ, କାମ ବନ୍ଦ ଅଛି ତାଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଛି କହିଥିଲେ। କାମ ଶେଷ ଅବଧିର ପାଖାପାଖି ଦୁଇମାସ ବିତିଯାଇଥିଲେ ଶୁଦ୍ଧା ଠିକାଦାର ବିରୋଧରେ ବିଭାଗ କୌଣସି ପଦକ୍ଷେପ ନିଆନଯିବା ଓ ପ୍ରକଳ୍ପ କାମ କାମ ବନ୍ଦ କରିଦେବା ଘଟଣାରେ ଗ୍ରାମବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଏ ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଅଗ୍ନିଶମ ସେବା ସପ୍ତାହ ଆରମ୍ଭ



ବଲାଙ୍ଗିର, ୧୪।୪(ସମିସ): ବଲାଙ୍ଗିର ଅଗ୍ନିଶମ କେନ୍ଦ୍ରରେ ଓଡ଼ିଶା ଅଗ୍ନିଶମ ସେବା ସପ୍ତାହ ଆରମ୍ଭ ହୋଇଛି। ରାଜ୍ୟରେ ଅଗ୍ନିଶମ ଓ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଗ୍ନିଶମ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଅବସରରେ ରବିବାର ବଲାଙ୍ଗିର ଅଗ୍ନିଶମ କେନ୍ଦ୍ର ଅଧିକାରୀ ତେଜ କୁମାର ଏକ୍କାଙ୍କ ଅଧକ୍ଷତାରେ ଆରମ୍ଭ ହୋଇଯାଇଛି। ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବିଜେଡିରେ ସାମିଲ ହେଲେ କଂଗ୍ରେସ ନେତା




ଟିଟିଲାଗଡ଼, ୧୪।୪(ସମିସ): ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇ ବିଜେଡିରେ ସାମିଲ ହୋଇଛନ୍ତି। ଆଜି କଂଗ୍ରେସର ଜିଲ୍ଲା ଏସ୍‌ଟି ସେଲ ସାଧାରଣ ସମ୍ପାଦକ ଆଇନଜୀବୀ ଜପେଶ୍ୱର ଜାନି ତଥା ତାଙ୍କ ଶତାଧିକ ସମର୍ଥକ ବିଜେଡିରେ ସାମିଲ ହୋଇଛନ୍ତି। ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଦଳର ଜିଲ୍ଲା ସଭାପତି ତଥା ମନ୍ତ୍ରୀ ଟୁକୁନି ସାହୁ ସଭିଙ୍କୁ ସ୍ୱାଗତ କରିଥିଲେ। ବିଜେଡିରେ ସଇଁତଳା ବ୍ଲକ ଅଞ୍ଚଳର ମହେନ୍ଦ୍ର ଭୋଇ, ଅମୃତ ଦଣ୍ଡସନା, ଭୀମ ଦୋରା, ଫିରୋଜ ନାଏକ, ପ୍ରଦୀପ ମହାଡ଼ିକ, ପଞ୍ଚା ପୁଟେଲ, ରାଜେଶ ପୁଟେଲ, ମୁନୁ ପ୍ରଧାନ, ସୀମାଞ୍ଚଳ ରଣା ରତ୍ନାକର ଭୋଇ, ଟୁକୁଲୁ ପାଣିଗ୍ରାହୀ, ବିକାଶ ମହାଲିଙ୍ଗ, ପ୍ରେମମହାଲିଙ୍ଗ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।

## ଚୁଆ ପାଣି ଭରସା

## ନିମ୍ନମାନର କାମ ଯୋଗୁଁ ପାଇପ୍ ଫାଟିଲା

ସଇଁତଳା, ୧୪।୪(ସମିସ): ପାଇପ ଫାଟି ଯାଇଥିବାରୁ ସଇଁତଳା ବ୍ଲକ ଡେଙ୍ଗ ପଞ୍ଚାୟତବାସୀଙ୍କୁ ଭଲଭାବେ ପାଣି ଯୋଗାଣ ହୋଇପାରୁନାହିଁ। ଯାହାଫଳରେ ଗ୍ରାମର ଜନସାଧାରଣ ନଦୀର ବାଲି ଚୁଆ ଉପରେ ନିର୍ଭର କରୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ଗ୍ରାମକୁ ଜଳ ଯୋଗାଣ ପାଇଁ ଲାନ୍ଥ ନଦୀରୁ ଗ୍ରାମ ମୁଣ୍ଡରେ ଥିବା ଓଭରହ୍ୟାଡ଼ ଟ୍ୟାଙ୍କକୁ ପାନୀୟ ଜଳ ଯୋଗାଣ କରାଯାଇଥାଏ। ସେଠାରୁ ଗ୍ରାମକୁ ପାନୀୟ ଜଳ ଯୋଗାଣ କରାଯାଉଥିବାରୁ ଗ୍ରାମବାସୀ ପାନୀୟ ଜଳ ପାଇଥାନ୍ତି। ଗତ ତିନି ଦିନ ତଳେ ଡେ଼ଙ୍ଗ କମରଲଗା ରାସ୍ତାରେ ନିର୍ମାଣ ହେଉଥିବା କାମ ଯୋଗୁଁ ଠିକାଦାର ଜଣକ ଗାତ ଖୋଳି ଦେଇଥିବାରୁ ଓଭରହ୍ୟାଡ ଟ୍ୟାଙ୍କକୁ ଜଳ ଯୋଗାଣ ହେଉଥିବା ମୁଖ୍ୟ ପାଇପ ଫାଟି ଯାଇଛି। ଯାହାଦ୍ୱାରା ଓଭରହ୍ୟାଡ ଟ୍ୟାଙ୍କକୁ ପାନୀୟଜଳ ପହଞ୍ଚି ପାରୁନାହିଁ। ଫଳରେ ଗ୍ରାମବାସୀଙ୍କୁ ପାନୀୟଜଳ ମଧ୍ୟ ଯୋଗାଣ ହୋଇପାରୁନାହିଁ। ଏ ବିଷୟରେ ଠିକା ସଂସ୍ଥାର ସାଇଡ୍ ଇନ୍‌ଚାର୍ଜ ଅରୁଣ କୁମାର ମଲ୍ଲିକଙ୍କୁ ପଚାରିବାରୁ ପାଇପକୁ ଅନ୍ୟ ରାସ୍ତାରେ ନେବାକୁ ଜଳ ଓ ପରିମଳ ବିଭାଗକୁ ଲିଖିତ ଆକାରରେ ଦିଆଯାଇଛି କିନ୍ତୁ ସେମାନେ ଅଦ୍ୟାବଧ କୌଣସି ପଦକ୍ଷେପ ନେଇନାହାଁନ୍ତି। ଏଣୁ ଆମେ ଆମ କାମ କରୁଥିବାବେଳେ ପାଇପ୍ ଟି ଫାଟି ଯାଇଛି। ପାଇପ୍ ବଦଳାଇବାକୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ ବୋଲି କହିଥିଲେ। ସେହିପରି ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ-୨ ଇତିଶ୍ରୀ ତେତୁରୀଙ୍କୁ ପଚାରିବାରୁ ଅତିଶୀଘ୍ର ସମସ୍ୟାର ସମାଧାନ କରାଯାଇ ଡେଙ୍ଗ ଗ୍ରାମକୁ ଜଳ ଯୋଗାଣ କରାଯିବ ବୋଲି କହିଥିଲେ। ଡେଙ୍ଗ ପଞ୍ଚାୟତର ନିର୍ବାହୀ ଅଧିକାରୀ ଅକ୍ଷୟ ମହାନ୍ତି ପାଇପ ମରାମତି ପାଇଁ ତିନି ଲକ୍ଷ



ଟଙ୍କା ଦରକାର ହେଉଥିବାବେଳେ ତାହା ପଞ୍ଚାୟତ କରିବ ବୋଲି ଠିକାସଂସ୍ଥା କହୁଥିବାରୁ ପଞ୍ଚାୟତ ପାଖରେ ଟଙ୍କା ନ ଥିବାରୁ ମରାମତି କରିବାକୁ ଆମେ ବିଡିଓ, ଠିକା ସଂସ୍ଥା ତଥା ଜଳ ଓ ପରିମଳ ବିଭାଗକୁ ଜଣାଇଛୁ ବୋଲି କହିଛନ୍ତି। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ଡେଙ୍ଗ ଗ୍ରାମକୁ ଜଳ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମାସିକ ରଚନା ସନ୍ଧ୍ୟା

## ଅବହେଳିତ 'ମଣିଷର ଜୀବନ ଗାଥା' ମୋର ଗଳ୍ପ

ବଲାଙ୍ଗିର: ୧୪।୪ (ସମିସ): ଆମ ସମାଜର ମୁଖ୍ୟ ସ୍ରୋତରୁ ଦୂରରେ ଥିବା ସେହି ଦୁଃଖଦୈନ୍ୟଭରା ମଣିଷର ଜୀବନ କାହାଣୀ



ସର୍ବଦା ମୋତେ ଆନ୍ଦୋଳିତ କରିଛି। ଦୁଇ ଓଳି ଦୁଇ ମୁଠା ଆହାର ପାଇଁ କେତେ ସଂଘର୍ଷ କରନ୍ତି ସେମାନେ। କିଏ ଦିନ ମଜୁରୀ କରେ ତ କିଏ ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ଯାଏ। ସେମାନଙ୍କ ଆତୁର ଜୀବନର ଗାଥାକୁ ମୋର ଗଳ୍ପ ମାଧ୍ୟମରେ ପ୍ରକାଶ କରିବାକୁ ଚେଷ୍ଟା କରିଛି। ବଲାଙ୍ଗିରର ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ 'ରଚନା' ଦ୍ୱାରା ଆୟୋଜିତ 'ମାସିକ ରଚନା ସନ୍ଧ୍ୟା'ରେ ତାଙ୍କ କୈଶୋରରୁ ଆରମ୍ଭ କଥାଯାତ୍ରା ସମ୍ପର୍କରେ ବର୍ଣ୍ଣନା କରି ଏମିତି କହିଛନ୍ତି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କଥାଶିଳ୍ପୀ ଗାୟତ୍ରୀ ସରାଫ। ପ୍ରଥମେ ତାଙ୍କ ଏକାଡେମୀ ପୁରସ୍କାରପ୍ରାପ୍ତ ଗଳ୍ପ ସଂକଳନ 'ଇଟାଭାଟିର ଶିଳ୍ପୀ'ରୁ 'ଦାଦନ ଲହଡ଼ା' ଶୀର୍ଷକ ଗଳ୍ପକୁ ପାଠ କରିଥିଲେ ସୌମ୍ୟା ମଧୁପର୍ଣ୍ଣା ତ୍ରିପାଠୀ। ପରେ ଅଧାପକ ଡ. ଜଗନ୍ନାଥ ସାହୁ ଏବଂ ଗାଳ୍ପିକ ପ୍ରଦୀପ କୁମାର ମିଶ୍ର ଗାୟତ୍ରୀ ଗଳ୍ପ ସମ୍ଭାର ଉପରେ ବିସ୍ତୃତ ଆଲୋଚନା କରିଥିଲେ। 'ରଚନା'ର ସହ ସମ୍ପାଦକ କବି ରତ୍ନମୟ ତ୍ରିପାଠୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ସଭାରେ 'ରଚନା'ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ସହିତ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଏବଂ ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ।

## ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସେବା କାର୍ଯ୍ୟକ୍ରମ



ବଲାଙ୍ଗିର, ୧୪।୪(ସମିସ): ପବିତ୍ର ପଣାସଂକ୍ରାନ୍ତି ଅବସରରେ ସ୍ଥାନୀୟ ପେଲେସଲାଇନ ରାଧାକୃଷ୍ଣମନ୍ଦିର ପରିସରରେ ଜିଲ୍ଲା ସଂଘର ମୁଖ୍ୟ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର, ସଭାପତି ଘାସିରାମ ମିଶ୍ର, ସମ୍ପାଦକ ବସନ୍ତ ଆଚାର୍ଯ୍ୟରଙ୍କ ତତ୍ତ୍ୱାବଧାନରେ ଉପସଭାପତି ଶିବ ଶଙ୍କର ଖୁଆସ, ସହ ସମ୍ପାଦକ ଯଥା ବିଶ୍ୱାଲ, ସଂଗଠନ ସମ୍ପାଦକ ରାଧାକୃଷ୍ଣ ମେହେର, ବରିଷ୍ଠ କାର୍ଯ୍ୟକାରୀ କମିଟି ସଦସ୍ୟ ବିପିନ ବିହାରୀ ପଣ୍ଡା, ପର୍ଶୁରାମ ନାୟକ, ଡା. ଉମାପାତ୍ର, ପ୍ରଦୀପ ଗୁରୁ, ରାହାସ ବିହାରୀ ଭୋଇ, ମଦନ ପାଣିଗ୍ରାହୀ, ବିରଞ୍ଚି ମିଶ୍ର ଦହି ପଣା ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରି ପ୍ରାୟ ୨୦୦୦ ଲୋକଙ୍କର ସେବାର ସୁଯୋଗ ପାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଏନ୍‌ଜିଓ, ବୃଦ୍ଧାଶ୍ରମର ସଭାପତି ସନ୍ତୋଷିନୀ ମେହେର ଏବଂ ସମ୍ପାଦିକା ରଶ୍ମିପାତ୍ର ଯୋଗ ଦେଇଥିଲେ।

## ବିଭିନ୍ନ ସ୍ଥାନରେ ଆମ୍ବେଦକର ଜୟନ୍ତୀ ଓ ପଣା ସଂକ୍ରାନ୍ତି ପାଳିତ

ବଲାଙ୍ଗିର, ୧୪।୪(ସମିସ)

ସମ୍ବିଧାନ ପ୍ରଣେତା ବାବା ସାହେବ ବି. ଆର. ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଭୀମସେନା ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବଲାଙ୍ଗିର ଜିଲ୍ଲା ଭୀମଆର୍ମି ପକ୍ଷରୁ ଏହି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ସ୍ଥାନୀୟ ସୁଦପଡ଼ାରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ସହରର କଚେରିଛକ ରେ ଏହି ଶୋଭାଯାତ୍ରା ପହଞ୍ଚିବାପରେ ସେଠାରେ ରହିଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଶୋଭାଯାତ୍ରା ଭାଗରଥୀ ଛକ ବିକ୍ରମ ଛକଦେଇ ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ଶହ ଶହ ସଂଖ୍ୟାରେ ଭୀମଆର୍ମିର ସଦସ୍ୟ, ସଦସ୍ୟା କର୍ମକର୍ତ୍ତା ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ଏହି ଶୋଭାଯାତ୍ରାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର, ବିଜେପି ପ୍ରାର୍ଥୀ ଗୋପାଲଜୀ ପାଣିଗ୍ରାହୀ ମଧ୍ୟ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଓଗାଁ କଛାରପାଲି ଆମ୍ବେଦକର ନଗରଠାରେ ବାବା ସାହେବ ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଆମ୍ବେଦକର ନଗରବାସୀଙ୍କ ଆୟୋଜନରେ ପ୍ରଥମେ ସମସ୍ତ ପଡ଼ାବାସୀ ଏକ ଭବ୍ୟ ଶୋଭାଯାତ୍ରାରେ ଦେଓଗାଁ ଓ କଛାରପାଲି ଗାଁ ପରିକ୍ରମା କରି ସଚେତନତାର ବାର୍ତ୍ତା ଦେଇଥିଲେ। ପରେ ସନ୍ଧ୍ୟାରେ ସଞ୍ଜୟ ମହାନନ୍ଦ, ପ୍ରବୀଣ ନନ୍ଦ ଓ ବୁଦ୍ଧଦେବ ସୁନାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କଳାହାଣ୍ଡିର କମଳିନୀ ଯାଦବ ଯୋଗଦେଇ ସମାଜର ସର୍ବାଙ୍ଗିନ ଉନ୍ନତିରେ ଶିକ୍ଷାର ପ୍ରାଧାନ୍ୟ ସର୍ବାଗ୍ରେ ଏଣୁ ଶିକ୍ଷାର ଉନ୍ନତି ହେଲେ ଦେଶର ପ୍ରଗତୀ ନିଶ୍ଚିତ ବୋଲି ମତପୋଷଣ କରିବାସହ ଆମେ ସମସ୍ତେ ପ୍ରଥମେ ଶିକ୍ଷାର ଉନ୍ନତି ଦିଗରେ ସଚେତନ ରହିବା ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ। ଶୁଶିଳ ଜାଲ ଓ ଲଳିତ କୁମାର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

**ତୁଷୁରା :** ସମ୍ବିଧାନର ନିର୍ମାତା ତଥା ଭାରତରତ୍ନ ଡ. ବି.ଆର. ଆମ୍ବେଦକରଙ୍ଗ ଜୟନ୍ତୀ ତୁଷୁରାଠାରେ





ରବିବାର ଦିନ ସମଲେଶ୍ୱରୀ ପଡ଼ା ଏବଂ ପତିତପାବନ ପଡ଼ାବାସୀଙ୍କ ତରଫରୁ ପାଳନ କରାଯାଇଛି। ସମଲେଶ୍ୱରୀ ପଡ଼ାର ଶତାଧିକ ଯୁବକ ବାଇକ ରାଲି କରି ଜେଏ ଭିମ୍ ନାରାଦେଇ ତୁଷୁରା ଏନଏସି ର ସମସ୍ତ ୱାର୍ଡ ପରିକ୍ରମା କରିଥିଲେ।

**ଟିଟିଲାଗଡ଼ :** ବାବାସାହେବ ଡ. ଭୀମରାଓ





ଆମ୍ବେଦରଙ୍କ ଜୟନ୍ତୀ ଅବସରରେ ବଲାଙ୍ଗିର ଜିଲ୍ଲା ଆଦିବାସୀ ସଂଘ ପକ୍ଷରୁ ବିଶାଳ ଶୋଭାଯାତ୍ରା ନଗରପରିକ୍ରମା କରିଥିଲା। ପରେ ସ୍ଥାନୀୟ ଆଦିବାସୀ ଭବନ ପରିସରରେ ଅନୁଷ୍ଠିତ ସଭାରେ ଅନୁଷ୍ଠିତ ମୁଖ୍ୟଅତିଥି ତଥା ଜିଲ୍ଲା ଆଦିବାସୀ ସଂଘ କାର୍ଯ୍ୟକାରୀ ସଭାନେତ୍ରୀ ବନଲତା ମାଝୀ, ମୁଖ୍ୟବକ୍ତା ହେମେନ୍ଦ୍ରନାଥ ହାଁସଦା ଡ଼ଃ ଆମ୍ବେଦକରଙ୍କ ଜନ୍ମ ବୃତାନ୍ତ, ଅବହେଳିତ ବର୍ଗଙ୍କ ପାଇଁ ସେବା ନେଇ ଆଲୋକପାତ କରିଥିଲେ। ସଭାରେ ବିଶିଷ୍ଟ ଆଦିବାସୀ ନେତା ନିତ୍ୟାନନ୍ଦ ମାଝୀ, ସଇଁତଳା ବ୍ଲକ ଆଦିବାସୀ ସଂଘ ସଭାପତି ସନ୍ତୋଷ ପୁଟା, ସୁନିଲ ମାଝୀ ଦେବସିଂ ମାଝୀ, ଇନ୍ଦ୍ରମଣି ମାଝୀ, ପ୍ରଫୁଲ୍ଲ ମାଝୀ, ପଦ୍ମନ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

**ଖପ୍ରାଖୋଲ :** ବଲାଙ୍ଗିର ଜିଲ୍ଲା ଅଧୀନ ସ୍ଥାନୀୟ ଖପ୍ରାଖୋଲର ହରିଶଙ୍କର ଛକ ହନୁମାନମନ୍ଦିର ଠାରେ ପ୍ରଥମ ବାର୍ଷିକ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉତ୍ସବରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଭକ୍ତମାନଙ୍କ ନିମନ୍ତେ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ଏହି ପାରାୟଣ ଯୁଧିଷ୍ଠିର ଥାନାପତି ଗାୟନ କରିଥିବାବେଳେ ସହଦେବ ମିଶ୍ର ହୋମଯଜ୍ଞର ପୌରୋହିତ୍ୟ କରିଥିଲେ। ଖପ୍ରାଖୋଲ ଜୟ ବଜରଙ୍ଗବଳୀ ଟ୍ରଷ୍ଟ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ।

**ପାଟଣାଗଡ଼ :** ଆଜି ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ପାଟଣାଗଡ଼ ବଜରଙ୍ଗ ଦଳ ନେତୃତ୍ୱରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ସାମିଲ ହୋଇ ବ୍ରହ୍ମପୁରାଠାରୁ ଏକ ବିଶାଳ ରାଲିରେ ବାହାରି ପଞ୍ଚମୁଖୀ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାମାଜିକ ସଂଗଠନ, ବିଭିନ୍ନ କ୍ଲବର ସଦସ୍ୟ ଓ ବିଭିନ୍ନ କାର୍ଯ୍ୟକର୍ତ୍ତାଙ୍କ ସହ ପାଟଣାଗଡ଼ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବିଜେଡିର ସରୋଜ ମେହେର, ବିଜେପିରୁ କନକ ବର୍ଦ୍ଧନ ସିଂଦେଓ, କଂଗ୍ରେସରୁ ଅନିଲ ମେହେର, କୋଶଳ ପ୍ରାର୍ଥୀ ବଳରାମ ବଗର୍ତ୍ତୀ, କଂଗ୍ରେସର ଲୋକସଭା ପ୍ରାର୍ଥୀ ମନୋଜ ମିଶ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ପାଟଣାଗଡ଼ ବଜରଙ୍ଗ ଦଳ ସଭାପତି ବଣ୍ଟି ଦାସ, ଶାଶ୍ୱତ ତ୍ରିପାଠୀ, ସରୋଜ ଭୋଇ, ଦିଲେଶ୍ୱର ମିଶ୍ର, ବାଦଲ ମିଶ୍ର, କୁନା ସେଠ, ଅଜିତ ଭାଟି, ରାକେଶ ପୁରୋହିତ ଙ୍କ ସହ ୧୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

## ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ପାଳିତ

**ଭବାନୀପାଟଣା, ୧୪।୪(ସମିସ):** ରବିବାର କଳାହାଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୩୩ତମ ଜନ୍ମ ଜୟନ୍ତୀ, ସ୍ମୃତିସଭା, ଆଲୋଚନାଚକ୍ର ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ କଳାହାଣ୍ଡି ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଉପ ଜିଲ୍ଲାପାଳ ଡ. ବିଶ୍ୱଜିତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସହରର ବିଭିନ୍ନ ଶିକ୍ଷା ଅନୁଷ୍ଠାନର କର୍ମକର୍ତ୍ତା,



ଶିକ୍ଷକଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ନକଟିଗୁଡ଼ା ଛକ ଏବଂ ରେଲୱେ ଷ୍ଟେସନ ଛକ ସ୍ଥିତ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟସ୍ଥ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ଜିଲ୍ଲାପାଳ, ବିଭାଗୀୟ ଅଧିକାରୀ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଜୟନ୍ତୀ ଉପଲକ୍ଷେ ଭୋଟର ସଚେତନତା କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠିତ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଏବଂ ଆମ୍ବେଦକର ଜୟନ୍ତୀ ପାଳନ ଅବସରରେ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ସଭାର ଆୟୋଜନ, ସଞ୍ଚାଳନ ଓ ଧନ୍ୟବାଦ ଅର୍ପଣ କରିଥିଲେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା। ଏଥିରେ ବିଭିନ୍ନ ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଅଲ୍ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫାଉଣ୍ଡେସନ, କଳାହାଣ୍ଡି ଦଳିତ ସମାଜ, ବିଏସପି ଓ ଆମ୍ବେଦକର ପାର୍ଟି ଅଫ ଇଣ୍ଡିଆ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଆମ୍ବେଦକରଙ୍କ ଜୟନ୍ତି ମହାସମାରୋହରେ ପାଳିତ ହୋଇଥିଲା।

## ଭବାନୀପାଟଣାରେ ଭୋଟର ସଚେତନତା କାର୍ଯ୍ୟକ୍ରମ

# ଭୋଟଦାନ ହିଁ ଗଣତନ୍ତ୍ରକୁ ସଶକ୍ତ ଓ ସୁଦୃଢ଼ କରିପାରିବ






**ଭବାନୀପାଟଣା, ୧୪।୪(ସମିସ)**

ଆସନ୍ତା ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନରେ ଯେମିତି ମତଦାନ ଅଧିକ ହେବ ଏବଂ ଭୋଟରମାନେ ସଚେତନ ହୋଇ ନିଜର ମୂଲ୍ୟବାନ ଭୋଟ ଦେବେ ଏହି ପରିପେକ୍ଷୀରେ ଜନ ସଚେତନତା ପାଇଁ କଳାହାଣ୍ଡି ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ଭୋଟର ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ଜିଲ୍ଲାପାଳ ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭୋଟର ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମାନବ ଶୃଙ୍ଖଳ ତଥା ଦସ୍ତଖତ ଅଭିଯାନର ନେତୃତ୍ୱ ନେଇଥିଲେ। ସୂଚନାଯୋଗ୍ୟ ଯେ ଆସନ୍ତା ମାସ ୧୩ ତାରିଖରେ କଳାହାଣ୍ଡି ଜିଲ୍ଲାରେ ସାଧାରଣ ନିର୍ବାଚନ ହେବ ଏବଂ ଏଥିପାଇଁ ସମସ୍ତ ଭୋଟର୍ ବିଶେଷତଃ ନୂଆ ଯୁବ ଭୋଟର ଯେଭଳି ନିଜର ମୂଲ୍ୟବାନ ଭୋଟ ପ୍ରଦାନ କରିବେ ଏନେଇ ସଚେତନତା ରଥ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଡ. ଆମ୍ବେଦକରଙ୍କ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ସ୍ଥାନୀୟ ଭାଷାରେ ନିର୍ମିତ ଭୋଟର ସଚେତନ ବୃତ୍ତଚିତ୍ରକୁ ଦେଖିଥିଲେ। ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଯୁବ ମତଦାତାମାନଙ୍କୁ ଆସନ୍ତା ମେ ମାସ ୧୩ ତରିଖରେ ନିଜନିଜ ବୁଥ୍‌କୁ ଯାଇ ନିଜର ମୂଲ୍ୟବାନ ଭୋଟ ପ୍ରଦାନ କରି ଗଣତନ୍ତ୍ରକୁ ସଶକ୍ତ ଓ ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ। ଭୋଟର୍ ସଚେତନ କାର୍ଯ୍ୟକ୍ରମ ଉପଲକ୍ଷେ ଅନୁଷ୍ଠିତ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଜିଲ୍ଲାପାଳ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସିଡିଓ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ଡ. ବିଶ୍ୱଜିତ ଦାସ, ଅତିରିକ୍ତ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦିଲ୍ଲୀପ ମହାରଣାଙ୍କ ସମେତ ବିଡିଓ, ଭବାନୀପାଟଣା ଡିଆଇପିଆରଓ, ଇଓ ପୌରପରିଷଦ, ଏପିଡି (ଆରଏଚ), ଯୁବ ଆଇକନ୍ ତଥା ପର୍ବତାରୋହୀ ଯୋଗବ୍ୟାସ ଭୋଇ ଓ ନିର୍ବାଚନ ସଂଯୁକ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଡିଆଇପିଆରଓ ସଭା ସଞ୍ଚାଳନ କରିଥିଲେ।

## ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ମହାଆଡ଼ମ୍ବରରେ ପାଳିତ

**ଭବାନୀପାଟଣା, ୧୪।୪(ସମିସ):** କଳାହାଣ୍ଡି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଭବାନୀପାଟଣା ସ୍ଥିତ ପୁରୁଣା ସିନେମା ହଲ୍ ଛକଠାରେ ପାଳିତ ହୋଇଯାଇଛି। ଗ୍ରୀଷ୍ମ କାଳରେ ପଥପ୍ରାନ୍ତ ନାଗରିକଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଇବା ପାଇଁ ଜଳଛତ୍ର ଖୋଲାଯାଇଛି। ସବିତା ପଟ୍ଟନାୟକ ଏହାକୁ ଉଦଘାଟିତ କରିଥିଲେ। ସଂଘର ସଭାପତି ଶରତ ନାୟକ, ସମ୍ପାଦକ ଚନ୍ଦ୍ରମଣି ତ୍ରିପାଠୀ ସାଧାରଣ ସମ୍ପାଦକ ରାଜେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟଟି




ଅତି ସୁରୁଖୁରୁରେ ଅନୁଷ୍ଠିତ ହୋଇ ଯାଇଛି। ସଂଘର ବରିଷ୍ଠ ଉପଦେଷ୍ଟା ସୁରଜିତ ସିଂହ, ମଧୁସୂଦନ ମହାପାତ୍ର, ଟି ରାମକୃଷ୍ଣ, ସୁବାସ ପଣ୍ଡା, ସମାଜ ସେବୀ କୁନୁ ନାୟକ, ମହେନ୍ଦ୍ର ପଣ୍ଡା, ଲଦୁରାମ ଝାକର, ପ୍ରଫୁଲ୍ଲ ମିଶ୍ର, ବାଲ୍ମୀକି ଦାସ, ଆପା ରାଓ, ଅମିନ ଖାଁ, ଅଜିଜ ଖାଁ, ସନ୍ତୋଷ ପାତ୍ର, କୁଳମଣି ସାହୁ, ବିନୋଦ ମିଶ୍ର ପ୍ରମୁଖ ସହଯୋଗରେ ଏକ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଦହିସରବତ ବଣ୍ଟନ କରାଯାଇଥିଲା।

## ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ

**କୋକସରା, ୧୪।୪(ସମିସ):** ଏପ୍ରିଲ୧୪ ତାରିଖରୁ ଦେଶରେ ପାଳନ ହେଉଛି ଜାତୀୟଅଗ୍ନିଶମ ନିରାପତ୍ତା ସୁରକ୍ଷା ସପ୍ତାହ। ଏହା ସପ୍ତାହେ ବ୍ୟାପି ୨୦ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ଏହିକ୍ରମରେ କଳାହାଣ୍ଡି ଜିଲ୍ଲା କୋକସରା ଅଗ୍ନିଶମ କେନ୍ଦ୍ର ପକ୍ଷରୁ ମଧ୍ୟ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ବାଗଙ୍କ ନେତୃତ୍ୱରେ ରବିବାର କାର୍ଯ୍ୟାଳୟଠାରୁ ଅଗ୍ନିଶମ କର୍ମଚାରୀମାନେ



ଏକ ସଚେତନତା ଶୋଭାଯାତ୍ରାରେ ବାହାରି କୋକସରା ଦେଇ ଚିଲିଗୁଡ଼ା ପର୍ଯ୍ୟନ୍ତ ଯାଇଥିଲେ। ରାସ୍ତାରେ ଯାତାୟତ କରୁଥିବା ଜନ ସାଧାରଣଙ୍କୁ ଅଗ୍ନିକାଣ୍ଡ ନ ଘଟିବା ପାଇଁ କିପରି ସତର୍କତା ଅବଲମ୍ବନ କରିବାକୁ ହେବ, ଅଗ୍ନିକାଣ୍ଡ ଘଟିବା ସମୟରେ କିପରି ଭାବରେ ତାକୁ ମୁକାବିଲା କରାଯାଇ ପାରିବ ଏବଂ ପରେ ନିଜେ ତଥା ଅନ୍ୟମାନଙ୍କୁ କିପରି ସୁରକ୍ଷିତ ରଖିବେ ସେନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ସଚେତନତା ଶୋଭାଯାତ୍ରାରେ ଅଗ୍ନିଶମ ଅଧିକାରୀ ଶ୍ରୀବାଗଙ୍କ ସମେତ ଫାୟାର ମ୍ୟାନ୍ ମନୋଜ ବିଶ୍ୱାଳ, ବାସୁଦେବ ଭୋଇ, ଶ୍ୟାମ ମାଝୀ, ମନୋଜ ବିଶ୍ୱାଳ, ସତ୍ୟମ୍ ମାଝୀ, ଲଳିତ ପୁଟେଲ, ରାଧେଶ୍ୟାମ ପ୍ରଧାନୀ ଓ ଚାଳକ ଗିରୀଧର ଦଣ୍ଡସେନା ପ୍ରମୁଖ ସାମିଲ ହୋଇଥିଲେ।

**ପରମ୍ପରା ଓ ଧର୍ମବିଶ୍ୱାସ**

## ମା' ଭଣ୍ଡାରଘରଣୀଙ୍କ ଚୈତ୍ରଯାତ୍ରା

**ଧର୍ମଗଡ଼, ୧୪।୪(ସମିସ)**

ଧର୍ମଗଡ଼ର ଅଧିଷ୍ଠାତ୍ରୀଦେବୀ ମା' ଭଣ୍ଡାରଘରଣୀଙ୍କ ଚୈତ୍ରଯାତ୍ରା ପାଇଁ ସମଗ୍ର ସହରାଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ସ୍ଥାନୀୟ ଗୋଣ୍ଟିୟାଙ୍କ ଘରୁ ପୂଜାର୍ଚ୍ଚନା ପରେ ମା'ଙ୍କ କଳସକୁ ତେନ୍ତୁଳିଆ ପଡ଼ାସ୍ଥିତ ମନ୍ଦିର ପୂଜକଙ୍କ ଘରକୁ ନେଇ ସେଠାରେ ପୂଜା ପାଇବା ପରେ ବହୁ ଆଡ଼ମ୍ବରରେ ମା'ଙ୍କ ଘଟ ନଗର ପରିକ୍ରମାରେ ବାହାରିଥାଏ। ମହିଳାମାନେ ନିଜନିଜର ଦାଣ୍ଡ ଦୁଆରକୁ ଲିପାପୋଛା କରିବା ସହ ଝୋଟି ଦେଇ ମା'ଙ୍କ ସଦୃଶ କଳସକୁ ବନ୍ଦାପନା କରି ସ୍ୱାଗତ କରିଥାନ୍ତି। ତିନିଦିନ ଧରି ଗ୍ରାମ ପରିକ୍ରମା ପରେ ଆସନ୍ତା ମଙ୍ଗଳବାର ମା'ଙ୍କ ଏହି ଘଟଯାତ୍ରା ଶେଷ ହେବ। ଧର୍ମଗଡ଼ର ଅଧୀଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଭଣ୍ଡାରଘରଣୀ। ମା' ଭଣ୍ଡାରଘରଣୀଙ୍କ ଉପରେ ଅଞ୍ଚଳବାସୀଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ବର୍ଷ ତମାମ ଭକ୍ତମାନଙ୍କୁ ମା' ନିଜ ମନ୍ଦିରରେ ଦର୍ଶନ ଦେଉଥିବାବେଳେ ଚୈତ୍ର ପର୍ବ ସମୟରେ



ମା'ଙ୍କ ପ୍ରତିମା ସ୍ୱରୂପ ଘଟ (କଳସୀ) ମନ୍ଦିରରୁ ବାହାରି ନଗର ପରିକ୍ରମା ପୂର୍ବକ ଭକ୍ତଙ୍କ ଦୁଆର ମୂହଁରେ ଦର୍ଶନ ଦେଇଥାନ୍ତି। ପର୍ବ ସମୟରେ ଦୁଇ ଜଣ କିଶୋରୀମାନଙ୍କ ଦ୍ୱାରା ମା' ଭଣ୍ଡାରଘରଣୀ ଓ ମା' ଠାକୁରାଣୀଙ୍କ ଘଟ ବୁହା ହୋଇ ସହରର ସମସ୍ତ ଘରକୁ ଘର ପରିକ୍ରମା କରାଯାଇଥାଏ। ତେବେ ଆଶ୍ଚର୍ଯ୍ୟର ବିଷୟ ଯେ ମା'ଙ୍କ ଯାତ୍ରାର ଦିନକ ପୂର୍ବରୁ ମା'ଙ୍କ ଘଟ(କଳସୀ)କୁ କେଉଁ କୁମାରୀ କନ୍ୟା ଧାରଣ କରିବେ ତାହା ଉପରେ ମୁଖ୍ୟ ପୂଜକଙ୍କୁ ସ୍ୱପ୍ନାଦେଶ ହୋଇଥାଏ। ପରେ ପୂଜକ ସେହି ଘରକୁ ଯାଇ କିଶୋରୀମାନଙ୍କୁ ମନ୍ଦିରକୁ ନେଇ ଆସନ୍ତି। ପରେ ମା'ଙ୍କ ମନ୍ଦିରରେ ସ୍ଥାନୀୟ କିଛି ମହିଳା ଏବଂ ପୁରୁଷଙ୍କ ଦେହରେ କାଳିଶୀ ରୂପରେ ମା' ଆବିର୍ଭାବ ହୋଇଥାନ୍ତି। ପରେ ମା'ଙ୍କ ଘଟ ସହର ଅଭିମୁଖେ ବାହାରି ଥାଏ। ଏହି ସମୟରେ ମା'ଙ୍କ ଦର୍ଶନ କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଯେକୌଣସି ଶୁଭକାମ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ମା'ଙ୍କ ମନ୍ଦିରକୁ ଦର୍ଶନ କରି ତାଙ୍କ ଆର୍ଶୀବାଦ ଗ୍ରହଣ କରିଥାନ୍ତି ଅଞ୍ଚଳବାସୀ। ମା'ଙ୍କୁ ଦର୍ଶନ କଲେ ସୁଖ, ସମୃଦ୍ଧି ଓ ସଫଳତା ମିଳିଥାଏ ବୋଲି ବିଶ୍ୱାସ ରହିଛି ଯାହା ମୁଖ୍ୟପୂଜକ ଧନବଳ ମାଝୀ କୁହନ୍ତି। ପ୍ରଶାସନିକ କଟକଣା ସତ୍ତ୍ୱେ ମା'ଙ୍କ ଏହି ଚୈତ୍ର ଯାତ୍ରା ଦିନ ଭଣ୍ଡାରଘରଣୀଙ୍କ ପୀଠ ରକ୍ତରଞ୍ଜିତ ହୋଇଥାଏ। ବହୁ ସଂଖ୍ୟାରେ ମାନସିକଧାରୀ ମାନେ ଏଠାକୁ ଆସି ପଶୁ ଓ ପକ୍ଷୀଙ୍କୁ ବଳିଦେବାର ପରମ୍ପରା ରହି ଆସିଛି।

## ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଉଳ ହେରଫେର୍ ଅଭିଯୋଗ

**ଲାଞ୍ଜିଗଡ଼, ୧୪।୪(ସମିସ):** କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ଭୁର୍ଟିଗଡ଼ ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମଧ୍ୟାହ୍ନ ଭୋଜନ ଚାଉଳକୁ ବାରମ୍ବାର ହେରଫେର କରୁଥିବା ନେଇ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଚାଉଳ ହେରଫେର ନେଇ ପଚାରିବାରୁ ଶିକ୍ଷକ ଜଣଙ୍କ ସନ୍ତୋଷଜନକ ଉତ୍ତର ଦେଇ ନ ଥିବା ଯୋଗୁଁ ସେ ଚାଉଳ ବିକ୍ରି କରୁଛନ୍ତି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ସୂଚନାଅନୁଯାୟୀ, ପୂର୍ବରୁ ପ୍ରଧାନଶିକ୍ଷକ ୧୦ବସ୍ତା ଚାଉଳ ଘରକୁ ନେଇଥିବା ବେଳେ ପୁଣି ପରବର୍ତ୍ତୀ ସମୟରେ ସ୍କୁଲରୁ ୮ ବସ୍ତା ଚାଉଳ ନେଉଥିଲେ ବୋଲି ସ୍କୁଲ ପରିଚାଳନା କମିଟି ଅଭିଯୋଗ ଆଣିଥିଲେ। ଏହାକୁ ନେଇ କିଛି ଦିନ ତଳେ ତଦନ୍ତ କରିବାକୁ ଯାଇ କିଛି ମୁଷ୍ଟିମେୟ ବ୍ୟକ୍ତି ହେରଫେର ଘଟଣାକୁ ଚାପି ଦେବା ଉଦ୍ୟମ କରିଥିଲେ। ଏନେଇ ଗତ ୧୧ ତାରିଖରେ ନର୍ଲା ଥାନାର ଦ୍ୱାରସ୍ଥ ହୋଇଛନ୍ତି ଅବିଭାବକ ଓ ଗ୍ରାମବାସୀ। ସେମାନଙ୍କ ଅଭିଯୋଗ ଆଧାରରେ ନର୍ଲା ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ସେପଟେ ପାଚିକାମାନେ ମଧ୍ୟ ସ୍କୁଲରେ ରୋଷେଇ କରୁଥିବା ସମୟରେ ଉକ୍ତ ପ୍ରଧାନଶିକ୍ଷକ ସେମାନଙ୍କ



**● ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ଆଗରେ ବସ୍ତାବସ୍ତା ଚାଉଳ ନେଉଥିବା ଦେଖି ତାଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ଓଲଟି ତମେ ଜାଣି କଣ କରିବ, ମୁଁ ମୋ କାମ କରୁଛି। ଏମିତି କହି ଉକ୍ତ ପ୍ରଧାନଶିକ୍ଷକ ଚାଉଳ ନେଉଥିଲେ ବୋଲି ପାଚିକା ଓ ତାଙ୍କ ସହଯୋଗୀ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ନର୍ଲା ପୁଲିସ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଭିଭାବକ ଓ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## କୋକସରା ବ୍ଲକର ବିଭିନ୍ନ ସ୍ଥାନରେ ମହାବୀର ଜୟନ୍ତୀ

**କୋକସରା, ୧୪।୪(ସମିସ):** କୋକସରା ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ମହାବୀର ଜୟନ୍ତୀ ଓ ପଣା ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଛି। ବ୍ଲକ ସଦର ମହକୁମା ବସଷ୍ଟାଣ୍ଡ ନିକଟରେ ଥିବା ଶ୍ରୀହନୁମାନଙ୍କ ମୂର୍ତ୍ତି ନିକଟରେ ପଣା ସଂକ୍ରାନ୍ତି ଓ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ କୋକସରା ରାମସେନା ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ମନ୍ଦିର



ପର୍ଯ୍ୟନ୍ତ ପହଞ୍ଚିଲେ। ଏଥିରେ ଶ୍ରୀରାମ ସେନାର କ୍ଷୀରସିନ୍ଧୁ ନେଗୀ, ମହେଶ ଗୁପ୍ତା, ଅମୂଲ୍ୟ ବିଶି, ମହେନ୍ଦ୍ର ପ୍ରଧାନୀ, ଅଧିରାଜ ନାଏକ, ଅଜିତ ପ୍ରଧାନୀ, ସଞ୍ଜୀବ ନାଏକ, ସୁରଜ ନାଏକ, ସୋମ୍ୟ ପ୍ରଧାନୀ, ଚିତ୍ରସେନ ବେହରା, ପପୁ ଦଣ୍ଡସେନା, ଆକାଶ ନାଏକ, ଲିପମ ଶବର ସହ ଶ୍ରୀରାମ ସେନାର ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଥିଲେ। ପୂଜାକର୍ତ୍ତା ଭାବେ ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ଓ ତାଙ୍କ ଧର୍ମପତ୍ନୀ ଦାୟିତ୍ୱ ନିର୍ବାହ କରୁଥିବାବେଳେ ଟିକିନା ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। କୋକସରା ହନୁମାନ ଜୟନ୍ତୀ ଉତ୍ସବ କମିଟିର ବିଶ୍ୱନାଥ ପଟ୍ଟନାୟକ, ମହେନ୍ଦ୍ର ନେଗୀ, ଅଜୟ ସାହୁ, ସୁନୀଲ ପ୍ରଧାନୀ, ବନମାଳୀ ପ୍ରଧାନୀ, ହୃଷୀକେଶ ରାଉତ, ବସନ୍ତ ପଟ୍ଟନାୟକ, ସୁଶାନ୍ତ ବେହେରା, ସୁରେନ୍ଦ୍ର ମାଝୀ, କମଳା ଚୀନ୍ଦା ପ୍ରମୁଖ କର୍ମକର୍ତ୍ତା ଦାୟିତ୍ୱରେ ରହିଛନ୍ତି। ସେହିପରି ଲଦୁଗାଁ କଲେଜ ଛକ ନିକଟରେ ଥିବା ପଞ୍ଚମୁଖି ହନୁମାନଙ୍କ ମୂର୍ତ୍ତିରେ ସକାଳୁ ପୂଜାର୍ଚ୍ଚନା କରାଯାଇଥିଲା। କମିଟି ପକ୍ଷରୁ ଭକ୍ତ ତଥା ରାସ୍ତାରେ ଯାଉଥିବା ପଥିକମାନଙ୍କୁ ଭୋଗ ଓ ପଣା ବଣ୍ଟନ କରାଯାଇଥିଲା। ଆମପାଣି ହନୁମାନ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ସହ ଜୟନ୍ତୀ ପାଳନ ହୋଇଛି। ସୁନାମାଳ ବଜରଙ୍ଗବାଲୀ ମନ୍ଦିର ଓ ତାରିଣୀ ପୀଠରେ ମଧ୍ୟ ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ପାଳନ ହୋଇଛି। ଏସବୁ ସ୍ଥାନରେ ସକାଳୁ ଶ୍ରଦ୍ଧାଳୁ ଓ ଭକ୍ତମାନେ ମନ୍ଦିର ଦର୍ଶନ କରିଛନ୍ତି। ଭକ୍ତମାନଙ୍କୁ ଆୟୋଜକ କମିଟି ପକ୍ଷରୁ ଭୋଗ ଓ ପଣା ବଣ୍ଟନ କରାଯାଇଛି।




# ସେବାକାରୀ କିନ୍ନରଙ୍କ ବହୁଚରା ମାତା ପୂଜା



**ନର୍ଲା, ୧୪।୪(ସମିସ):** ନର୍ଲାରୋଡ୍ ସେବାକାରୀ କିନ୍ନର ସଂଘ ତରଫରୁ ନର୍ଲାରୋଡସ୍ଥିତ ଶିବମନ୍ଦିର ନିକଟରେ କିନ୍ନରମାନଙ୍କ ଇଷ୍ଟଦେବୀ ବହୁତରା ମାତାଙ୍କ ଷୋହଳ ପୂଜା ଅନୁଷ୍ଠିତ ହୋଇଯାଇଛି। ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ କଳାହାଣ୍ଡି, ବଲାଙ୍ଗିର, ରାୟଗଡ଼ା, ଖୋର୍ଦ୍ଧା, ସମ୍ବଲପୁର ତଥା ଓଡ଼ିଶା ବାହାରୁ ରାୟପୁର, ବମ୍ବେ, ଦିଲ୍ଲୀ ରୁ ପ୍ରାୟ ୩୦୦ ରୁ ଉର୍ଦ୍ଧ କିନ୍ନର ଯୋଗଦେଇଥିବା ରାୟପୁର କିନ୍ନର ସଂଘର ଗୁରୁ ନାଗୀନାହାଜି ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ୮ ତାରିଖ ଦିନ ଅଧିବାସ ଅନୁଷ୍ଠିତ ହୋଇଥିଲା। ୯ ତାରିଖ ମଙ୍ଗଳବାର ଦିନ ପୂଜା ଆରମ୍ଭ, ଚଣ୍ଡୀପାଠ ଓ ୧୦ ତାରିଖ ବୁଧବାର ଅପରାହ୍ନ ରେ ପୂର୍ଣ୍ଣାହୂତି ସହ ଶୁଭ କଳସକୁ ନଗର ପରିକ୍ରମା କରାଯାଇଥିବା କାମିନୀ କିନ୍ନର ପ୍ରକାଶ କରିଛନ୍ତି। ଏହି ପୂଜନୋତ୍ସବରେ ନର୍ଲା ରୋଡରେ ପ୍ରବଳ ଭିଡ ହୋଇଥିଲା।

## କଂଗ୍ରେସକୁ ବିରୋଧ କରି ଆଦିବାସୀ ସଂଘର ମାରାଥନ ବୈଠକ

# ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇ ଶପଥ ନେଲେ ଆଦିବାସୀ

**ନୂଆପଡ଼ା/କୋମନା, ୧୪।୪(ସମିସ)**

କଂଗ୍ରେସରୁ ପୂର୍ବତନ ସଭାପତି ଘାସିରାମ ମାଝୀଙ୍କୁ ଟିକଟ ନଦେଇ ରାଜ୍ୟ ସଭାପତି ଶରତ କୁମାର ପଟ୍ଟନାୟକ ନିଜେ ଟିକଟ ନେଇଥିବାରୁ ଏହାକୁ ଜୋରଦାର

**ଗୋଲିଆ ପାଣିରୁ ଫାଇଦା ନେବାକୁ ଅଣ୍ଟା ଭିଡ଼ିଛନ୍ତି ଢୋଲକିଆ**

ବିରୋଧ କରାଯାଉଛି। ଘାସିରାମଙ୍କୁ ପ୍ରାର୍ଥୀକରି ନିର୍ବାଚନ ଜିତେଇବେ ବୋଲି ବିଭିନ୍ନ ଜାଗାରେ ଶପଥ ଗ୍ରହଣ ଉତ୍ସବ କରାଯାଉଛି। ଏଭଳିସ୍ଥିତିରେ ବିଜେଡିର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ଗୋଲିଆ ପାଣିରୁ ଫାଇଦା ନେବାକୁ ଦିନରାତି କସରତ କରୁଛନ୍ତି। ସୂଚନାଯୋଗ୍ୟ ଯେ ନୂଆପଡ଼ା ସଦର ବ୍ଲକ ଗୋଡ଼ଫୁଲାଠାରେ ଆଦିବାସୀ ସଂଘର ମୋଟ ୧୨ଟି ଜାତି ସମାଜ ଏକତ୍ରିତ ହୋଇ ଘାସିରାମ ମାଝୀଙ୍କୁ ନିର୍ଦ୍ଦଳୀୟ ପ୍ରାର୍ଥୀ କରିବେବୋଲି ନିଷ୍ପତ୍ତି ନେଇଥିବାବେଳେ ସେହି ଦିନଠାରୁ ସମସ୍ତ ଜାତି ସମାଜ ତରଫରୁ ଭିନ୍ନ



ଜାଗାରେ ଶପଥ ଗ୍ରହଣ କରାଯାଉଛି। ଦୁଇ ଦିନ ତଳେ ଗୋଡ଼ଫୁଲାଠାରେ ଗୋଣ୍ଡ ସମାଜ ତରଫରୁ ନୂଆପଡ଼ା ବ୍ଲକସ୍ତରୀୟ ବୈଠକ କରାଯାଇଥିଲା। ଶନିବାର କୋମନା ବ୍ଲକର ମିଛାପାଲିଠାରେ ଗୋଣ୍ଡ ସମାଜର କୋମନା ବ୍ଲକସ୍ତରୀୟ ବୈଠକ କରାଯାଇଥିଲା। ସେହିଭଳି ରବିବାର କୋମନା ବ୍ଲକର ପଏଁରଠାରେ ଶବର ସମାଜ ତରଫରୁ ବିଧାନସଭାସ୍ତରୀୟ ବୈଠକ ବସିଥିଲା। ଏଥିରେ ସୋମନାଥ ଶବର ସଭାପତିତ୍ୱ କରିଥିବାବେଳେ ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ, ଶବର ସମାଜ ତରଫରୁ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଚିତ୍ତରଞ୍ଜନ ବନଗୋଲା, ଟିକେଲାଲ ଶବର, ଦୁଖୁ ଖମାରୀ, ଜଗମୋହନ ବନଗୋଲା, ଗୋଣ୍ଡ ସମାଜର ସଭାପତି ଲଛିନ୍ଦ୍ର ମାଝୀ, ନିରଞ୍ଜନ ଶବର, ମୁନିରାମ ମଲ୍ଲିକ, କ୍ଷୀରମୋହନ ଖମାରୀ, ନେତ୍ରାନନ୍ଦ ନାଗ, ପରମାନନ୍ଦ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଆଜିକୁ ଦୀର୍ଘ ଦିନ ହେବ ଘାସିରାମ ମାଝୀ କଂଗ୍ରେସ ଭଳି ଜାତୀୟ ଦଳରେ ରହି ଦିନରାତି ସେବା କରିଆସୁଥିଲେ। ହେଲେ ଜିଲ୍ଲାରେ କୌଣସି ସ୍ଥିତି ନଥିବା ରାଜ୍ୟ ସଭାପତି ଆସି ତାଙ୍କୁ ହଟାଇ ଟିକଟ ନେଇ ନିର୍ବାଚନ ଲଢୁଥିବାରୁ ଏହାକୁ ସମାଜ ତରଫରୁ ତୀବ୍ର ବିରୋଧ କରାଯାଇଥିଲା। ଏଥର ସେମାନେ ସ୍ୱାଧୀନ ପ୍ରାର୍ଥୀ ଭାବରେ ଘାସିରାମଙ୍କୁ ଛିଡ଼ା କରି ବିଧାନସଭାକୁ ପଠାଇବେ ବୋଲି କହିଛନ୍ତି। ଏହି ଅବସରରେ ଉପସ୍ଥିତ ସମସ୍ତ ସଦସ୍ୟମାନେ ଶପଥ ପାଠ କରିଥିଲେ। କୌଣସି ସ୍ଥିତିରେ ମଧ୍ୟ ଟଙ୍କା କାରବାରକୁ ପ୍ରଶ୍ରୟ ଦେବେନାହିଁ। କୌଣସି ବି ଲୋଭର ବଶବର୍ତ୍ତୀ ନହୋଇ ଏକ ସୁସ୍ଥ ଗଣତନ୍ତ୍ର ଗଠନ ପାଇଁ ଭୋଟ ଦେବେ ବୋଲି କହିଥିଲେ। ଏହି ଅବସରରେ ମାଝୀ ସମାଜ ତରଫରୁ ଅନୁପଗଡ଼, ସିଙ୍ଗାରୀ ଏବଂ ବିଶ୍ୱନାଥପୁର ଗାଁରୁ ଆସିଥିବା ମହିଳାମାନେ ମଧ୍ୟ ଶପଥପାଠରେ ସାମିଲ ହୋଇଥିଲେ। ଏଭଳି ସ୍ଥିତି ଦେଖି ଅନ୍ୟପଟେ ବିଜେଡିରୁ ଟିକଟ ପାଇଥିବା ରାଜେନ୍ଦ୍ର ଢୋଲକିଆ ଦିନରାତି ଏକାକାର କରି ପ୍ରଚାରରେ ମାତିଛନ୍ତି।

## ହନୁମାନ ଜୟନ୍ତୀ ଏବଂ ପଣା ସଂକ୍ରାନ୍ତି ପାଳିତ

# ପଣା ବାଣ୍ଟିଲେ ଗ୍ରାମବିକାଶ ଶିକ୍ଷା ନିକେତନର ଛାତ୍ରଛାତ୍ରୀ



**ଥୁଆମୂଳ ରାମପୁର, ୧୪।୪(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ଏବଂ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ହନୁମାନ ମନ୍ଦିରରେ ମହାବୀର ହନୁମାନଙ୍କ ପୂଜାର୍ଚ୍ଚନା ହୋଇଥିବା ବେଳେ ଯାନବାହନରେ ଯାତ୍ରା କରୁଥିବା ଯାତ୍ରୀ ତଥା ପଥାଚାରୀମାନଙ୍କୁ ଥଣ୍ଡା ପଣା ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଥିଲା। ରବିବାର ଏହି ପବିତ୍ର ଦିବସରେ ଭକ୍ତିମୟ ପରିବେଶ ମଧ୍ୟରେ ବ୍ଲକର କାଣିଗୁମା ପଞ୍ଚାୟତ ଅମଠାଗୁଡା ଏବଂ ଶିରିମସ୍କା ବିଦ୍ୟାଳୟ ସ୍ଥିତ ମହାବୀର ହନୁମାନଙ୍କ ପ୍ରତିମାରେ ପୂଜାର୍ଚ୍ଚନା ସହିତ ହନୁମାନ ଚାଳିଶା ପାଠ ହୋଇଥିଲା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗ୍ରାମବିକାଶ ଶିକ୍ଷାନିକେତନ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଦ୍ୟାଳୟ ସମ୍ମୁଖରେ ପଣା ବଣ୍ଟନ କରାଯାଇଥିଲା। ଏଥିସହିତ ଥୁଆମୂଳ ରାମପୁର ସଦର ମହକୁମାରେ ମଧ୍ୟ ପଣା ବଣ୍ଟନ କରାଯାଇଥିଲା। ବିରଞ୍ଚି ନାରାୟଣ ମୁଣ୍ଡଛିନା, ଋଷିଶୃଙ୍ଗ ପରିଚ୍ଛା, ଆଲୋକ ରଞ୍ଜନ ମୁଣ୍ଡ, ଯଦୁମଣି ରଣା ଏବଂ କାହ୍ନା ପରିଚ୍ଛାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆମ୍ବେଦକର ଜୟନ୍ତୀ, ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଳିତ

**ଭବାନୀପାଟଣା, ୧୪।୪(ସମିସ):** କିସ୍ କଳାହାଣ୍ଡି ଆନୁକୂଲ୍ୟରେ ଆମ୍ବେଦକର ଜୟନ୍ତୀ, ପଣା ସଂକ୍ରାନ୍ତି, ମହାବୀର ଜୟନ୍ତୀ ସହିତ ଓଡ଼ିଆ ନବବର୍ଷ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ, ପ୍ରାଶାସନିକ ଅଧିକାରୀ ସୁଶାନ୍ତ ବିଶ୍ୱାଳଙ୍କ ସହିତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରୀମାନେ ଦୀପ ପ୍ରଜ୍ୱଳନ କରି ମହାବୀର ଓ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ନାୟକ ମହାବୀର ଜୟନ୍ତୀ, ପଣା ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ଆମ୍ବେଦକରଙ୍କ ବିଷୟରେ ଛାତ୍ରୀମାନଙ୍କୁ ଧାରଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଅଭୀପ୍ସା ସାହୁ ଆମ୍ବେଦକରଙ୍କ ସାମାଜିକ ନ୍ୟାୟ ବିଷୟ ରେ ଅଭିଭାଷଣ ଦେଇଥିଲେ। କୁନିକୁନି ଛାତ୍ରୀମାନେ ଆମ୍ବେଦକରଙ୍କ ବିଷୟରେ ସୁନ୍ଦର ବକ୍ତୃତା ଦେବା ସହିତ ସାମାଜିକ ନ୍ୟାୟ ବିଷୟରେ ଏକ ସୁନ୍ଦର ଗୀତିନାଟ୍ୟ ପରିବେଷଣ କରିଥିଲେ।



# ଅସ୍ତିତ୍ୱ ହରାଉଛି ଦିଆରୀମୁଣ୍ଡା; ପୁନରୁଦ୍ଧାର ଦାବି



**ନର୍ଲା, ୧୪।୪(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ତୁଳାପଡ଼ା ଶିବମନ୍ଦିର ସମ୍ମୁଖ ଭାଗରେ ଥିବା ଦିଆରୀମୁଣ୍ଡା ପୋଖରୀ ଏକ ବିସ୍ତୀର୍ଣ୍ଣ ପଡ଼ିଆର ଭ୍ରମ ସୃଷ୍ଟି କରୁଛି। ଏକ ଅଜଣା ଲତା ଉକ୍ତ ପୋଖରୀରେ ବଂଶ ବିସ୍ତାର କରି ସମ୍ପୂର୍ଣ୍ଣ ଜଳାଶୟକୁ ଘୋଡାଇ ରଖିଛି। ଫଳରେ ପୋଖରୀରେ ପାଣି ଦେଖିବାକୁ ମିଳୁନି। ଯେକେହି ବ୍ୟକ୍ତି ଦେଖିଲେ ଭାବିବ ଏହା ଏକ ପଡ଼ିଆଟିଏ। ଏହି ପୋଖରୀର ପାଣି ସ୍ଥାନୀୟ ବାସିନ୍ଦାଙ୍କ ନିତ୍ୟ ବ୍ୟବହାର୍ଯ୍ୟ ହେଉଥିବା ବେଳେ ଏବେ ଲୋକେ ପାଣିର ବ୍ୟବହାର କରି ପାରୁନାହାନ୍ତି। ଅନ୍ୟପଟେ ମାଛ ଚାଷ ପାଇଁ ଉକ୍ତ ପୋଖରୀ ନିଲାମ ହୋଇଛି। ହେଲେ ମାଛ ଚାଷ କରୁଥିବା ହିତାଧିକାରୀ ମାଛ ମାରିବା ସମ୍ଭବପର ନୁହେଁ। ଏଭଳି ପରିସ୍ଥିତି ଅତୀତରେ ରୂପ୍ରାସାଗରରେ ଦେଖା ଦେଇଥିଲା ଓ ବହୁ କଷ୍ଟରେ ଏହି ଲତାର ବଂଶ ନିପାତ କରିବା ପରେ ଏବେ ପାଣି ସଫା ହୋଇଛି। ତେବେ ମାଛ ଧରାଳୀଙ୍କ ଜାଲରେ ଏହି ଲତା ଆସି ବିଭିନ୍ନ ପୋଖରୀରେ ବଂଶ ବିସ୍ତାର କରୁଛି। ଦିଆରୀମୁଣ୍ଡାକୁ ଲାଗି ବଣାମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି। ଏହି ଲତା ବଣାମୁଣ୍ଡାକୁ ନିଶ୍ଚିତ ବ୍ୟାପିବ। ବଣାମୁଣ୍ଡାରେ ଯଦି ଏହି ଲତାମାଡ଼େ ତାହେଲେ ଲୋକେ ପାଣିର ବ୍ୟବହାର କରିବା ଅସମ୍ଭବ ହୋଇପଡ଼ିବ ଓ ଏହାକୁ ନିର୍ମୂଳ କରିବା ପାଇଁ ପ୍ରଶାସନକୁ ମୋଟା ଅଙ୍କ ଖର୍ଚ୍ଚ କରିବାକୁ ପଡ଼ିବ। ବେଳ ଥାଉଁ ଦିଆରୀମୁଣ୍ଡାକୁ ପ୍ରଶାସନ ସଫା କରିବା ଉଚିତ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ସମ୍ବିଧାନପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ

**କଲମପୁର, ୧୪।୪(ସମିସ)**

କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅନ୍ତର୍ଗତ ହାରାମାଲ ପଞ୍ଚାୟତର ବ୍ରାହ୍ମଣ କେନ୍ଦୁଗୁଡ଼ା ଗ୍ରାମ ଏବଂ କୋଟାଗାଁରେ ବାବା ସାହେବ ଆମ୍ବେଦକରଙ୍କ ୧୩୩ ତମ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳନ ହୋଇଯାଇଛି। ପ୍ରଥମେ କଲମପୁର ସ୍ଥିତ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ବାଇକ ଶୋଭାଯାତ୍ରାରେ ବାହାରି ବ୍ରାହ୍ମଣ କେନ୍ଦୁଗୁଡ଼ା ଗ୍ରାମରେ ପହଞ୍ଚିଥିଲେ। ନଗର ପରିକ୍ରମା ପରେ ସଭାସ୍ଥଳକୁ ପହଞ୍ଚିବା ପରେ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ







ମାଲ୍ୟାର୍ପଣ କରି ପଞ୍ଚଶୀଳ ଗାନ କରାଯାଇଥିଲା। ସେଭଳି କୋଟାଗାଁରେ ମଧ୍ୟ ନଗର ପରିକ୍ରମା କରିଥିଲେ। ବ୍ରାହ୍ମଣ କେନ୍ଦୁଗୁଡ଼ାରେ ହାରାମାଳ ସରପଞ୍ଚ ସୁଶୀଳା ଦୁର୍ଗାଙ୍କ ସଭାପତିତ୍ୱ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିରଞ୍ଚି ବାବା ଧର୍ମଗଡ଼, ମୁଖ୍ୟବକ୍ତା ଭାବେ ରଜନୀ କାନ୍ତ ଛତ୍ରିଆ, ସମ୍ମାନୀୟ ଅତିଥି ଭାବେ ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ନିଆଲ, ନୀଳକଣ୍ଠ ସୁନାନୀ, ତିର୍ଥରାଜ ଦୁର୍ଗା, ପ୍ରଶାନ୍ତ ମାଝୀ, ଚେରୁ ନାଏକ, ଘନଶ୍ୟାମ ନାଏକ, ବଳରାମ ଦୁର୍ଗା, ଶତ୍ରୁଘ୍ନ ବାଗ, ରାଇ ଦାସ, ଧଙ୍ଗଡା ମାଝୀ, ଶ୍ରୀକାନ୍ତ ଛତ୍ରିଆ, ଚୈତନ୍ୟ ଲହଜଳ, ଯଯାତି ନାଏକ, ମାଧବ ସୁନାନୀ, କୋଦଣ୍ଡ ବାଗ, ରଞ୍ଜନ କୁମାର ସାହୁ, ଚକ୍ରଧର ନାଏକ ପ୍ରମୁଖ ମଞ୍ଚାସିନ ଥିଲେ। ସେଭଳି କୋଟାଗାଁରେ ହରିହର ଦୁର୍ଗାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସୁବାଷ ଛତ୍ରିଆ, ମୁଖ୍ୟବକ୍ତା ରଜନୀ ଛତ୍ରିଆ, ଅର୍ଜୁନ ଦୀପ, ଶଙ୍କର ଛତ୍ରିଆ, ସୁରେନ୍ଦ୍ର ଦୀପ, ହରିଶ୍ଚନ୍ଦ୍ର ପାଲ, ଶତ୍ରୁଘ୍ନ ବାଗ, ରାଜେଶ ଛତ୍ରିଆ, ବଳରାମ ଛତ୍ରିଆ, ଧନଞ୍ଜୟ ସାହୁ, ଲଳିତ ବିଶି, ସେନାପତି ନାଏକ, ସତ୍ୟ ନାଏକ, ମାଧବ ସୁନାନୀ ପ୍ରମୁଖ ସମ୍ମାନିତ ଥିଲେ। କପୁର ସୁନାନୀ, ରାଜୁ ନାଏକ, କୃଷ୍ଣ ସୁନାନୀ, କୋକିଳ ନାଏକ, ସନାତନ ଛତ୍ରିଆ, ସୁଶାନ୍ତ ନିଆଲ, ଲିଙ୍ଗରାଜ ନିଆଲ, ବିଶିକେଶନ ସୁନାନୀ, ବୈଲୋଚନ ସୁନାନୀ, ମଧୁସୂଦନ ସୁନାନୀ, ସୋନୁ ପଷଲ, ବିଷ୍ଣୁ କୁମାର, ଭୋଜରାଜ ଛତିଆ ତଥା ବ୍ରାହ୍ମଣ କେନ୍ଦୁଗୁଡ଼ା ଯୁବ ସଂଗଠନର ସମସ୍ତ କର୍ମକର୍ତ୍ତା ଏବଂ କୋଟାଗାଁର ମଳିକ ତାଣ୍ଡି, ପ୍ରଦ୍ୟୁମ୍ନ ପାଲ, ପପୁ କର ଓ ଜଗା ପାଲ ବାବା ସାହେବ ଆମ୍ବେଦକରଙ୍କ ୧୩୩ ତମ ଜନ୍ମ ଜୟନ୍ତୀ ପାଳନ ସମାରୋହ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସେହିପରି କଲମପୁର ସଦର ମହକୁମାର ବ୍ଲୁ ଡାଇମଣ୍ଡ ୟୁଥ୍ କ୍ଲବର ଆମ୍ବେଦକର ପ୍ରେମୀମାନେ ଅପରାହ୍ଣରେ କଲମପୁର ବଜାର ପ୍ରାଙ୍ଗଣରେ ଥିବା ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଓ ଦ୍ୱୀପ ପ୍ରଜ୍ୱଳନ କରିବା ପରେ ଆମ୍ବେଦକର ଅମରରହେ ନାରାଦେଇ ନଗର ପରିକ୍ରମା କରିଥିଲେ।

**କୋକସରା:** ସମ୍ବିଧାନ ପ୍ରଣେତା ବିଶ୍ୱରତ୍ନ, ବାବା ସାହେବ୍ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୩୩ ତମ ଜନ୍ମ ଜୟନ୍ତୀ ରବିବାର କୋକସରା ବ୍ଲକର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଅଲ୍ ଓଡ଼ିଶା ସିଡ୍ୟୁଲକାଷ୍ଟ ଫେଡରେସନ (ଏଓଏସ୍‌ସିଏଫ୍) କୋକସରା ବ୍ଲକ ଆନୁକୂଲ୍ୟରେ ଫେଡରେସନର ସାଧାରଣ ସମ୍ପାଦକ ପ୍ରବୀଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ବ୍ଲକ ସଦର ମହକୁମା ବଡପଡ଼ାଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ଆମପାଣିରେ ପହଞ୍ଚି ସ୍ଥାନୀୟ ଆମ୍ବେଦକର ଭବନରେ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ଏଓଏସ୍‌ସିଏଫ୍ ଜିଲ୍ଲା ଉପସଭାପତି ଟିକିଚନ୍ଦ୍ର ଧ ମାଝୀ, ଡ. ଗୌରଭ ରଞ୍ଜନ ବାଗ, ଧନିରାମ ପାଣିଗ୍ରାହୀ ପ୍ରମୁଖ ଆମ୍ବେଦକର ପ୍ରେମୀ ଦୀପ ପ୍ରଜ୍ୱଳନ କରି ଜୟନ୍ତୀ ପାଳନ କରିଥିଲେ। ଏହି କ୍ରମରେ ଏକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ଅତିଥିମାନେ ବାବା ସାହେବଙ୍କ ଆଦର୍ଶ ଆଚରଣ ଓ ସମ୍ବିଧାନ ପ୍ରଣୟନ ଉପରେ ବକ୍ତବ୍ୟ ରଖିଥିଲେ। ମଞ୍ଚକୁ ପ୍ରବୀଣ ପାଣିଗ୍ରାହୀ ପରିଚାଳନା କରିଥିଲେ। ଶେଷରେ ଏଓଏସସିଏଫ ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରଧାନୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଦିଶାନ୍ତ ବେଶ୍ରା, ଘନଶ୍ୟାମ ପାଣିଗ୍ରାହୀ, ସନ୍ତୋଷ ଶତନାମୀ, ମୁରଲୀ ପାଣିଗ୍ରାହୀ, ଧୋନୀ ବାଗ, ପ୍ରଦ୍ୟୁମ୍ନ ଖମାରୀ, ଶାନ୍ତନୁ ଠାକୁର, ସନାତନ ବେମାଲ, ଅଶ୍ୱିନୀ ମହାନନ୍ଦ ପ୍ରମୁଖ ଏଥିରେ ସାମିଲ ହେଇଥିଲେ। ସେଠାରୁ ବଡ଼ପୋଡ଼ାଗୁଡ଼ା ଅଭିମୁଖେ ବାହାରି ଆମ୍ବେଦକର କ୍ଲବ୍ ପରିସରରେ ଥିବା ବାବାସାହେବ ଡ .ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ଜନ୍ମ ଜୟନ୍ତୀ ପାଳିତ କରାଯାଇଥିଲା। ସେହିପରି ଲଡୁଗାଁଠାରେ ଭିମ ଆର୍ମୀ ଓ ସାବିତ୍ରୀ ରମା ମହିଳା ମଞ୍ଚ ପକ୍ଷରୁ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳିତ କରିବା ସହ ବାଇକ ଶୋଭାଯାତ୍ରାରେ ବାହାରି ଥିଲେ। ଏଥିରେ ସାବିତ୍ରୀ ଓ ରମା ମହିଳା ମଞ୍ଚରେ ଭାରତୀ ନାଏକ, ସୁମନ ମହାନନ୍ଦ, ଡୋଲି ପାଣିଗ୍ରାହୀ, ସୋନିଆ ମହାନନ୍ଦ, ଦିବ୍ୟ ପାଣିଗ୍ରାହୀ, ରାଜେଶ୍ୱରୀ ନିଆଲ, ଭିମ ଆର୍ମୀରେ ଗଜିନ୍ଦ୍ର ନାଗ, ଫାଉଣ୍ଡର ମେମ୍ବର ଗୁଣନିଧି ବାଗ, ଟୁନୁ ମହାନନ୍ଦ, ଭୁବନେଶ୍ୱର ଦୁର୍ଗା, ପିତାମ୍ବର ମହାନନ୍ଦ, ପ୍ରଧାନୀ ବାଗ, ତପନ ନାଏକ, ସମେତ ଭିମ ଆର୍ମୀର ସଦସ୍ୟ ମାନେ ସାମିଲ ହୋଇଥିଲେ।

**ନୂଆପଡ଼ା:** ନୂଆପଡ଼ା ଜିଲ୍ଲା ମହକୁମାର ଟାଉନ୍‌ଓ୍ୱାଟ ଆଦିବାସୀ ଭବନରେ ଘାସିରାମ ମାଝୀଙ୍କ ଅଧକ୍ଷତାରେ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଦେଷ୍ଟା ଖାମସିଂ ମାଝୀ ଓ ବିଶ୍ୱାବସୁ ଶବର ସମାଜର ବିହାରୀଲାଲ ଶବର, ଗଣ୍ଡ ସମାଜର ଜିଲ୍ଲା ସଭାପତି ଦିବ୍ୟ ସିଂ ମାଝୀ, ସଭାନେତ୍ରୀ ସରୋଜିନୀ ମାଝୀ, ହୋମ ସିଂ ମାଝୀ, ରାଜ୍ୟ ସଭାପତି ବାଳକୃଷ୍ଣ ଶବର, ଜିଲ୍ଲା ସମ୍ପାଦକ ସୋମନାଥ ଖମାରି, ଭାନୁପ୍ରତାପ ମାଝୀ ପ୍ରମୁଖ ଯୋଗଦେଇଥିଲେ। ନୂଆପଡ଼ା ବ୍ଲକ ସଭାପତି ଭକ୍ତ ବନ୍ଧୁ ଧରୁଆ ମଞ୍ଚ ପରିଚାଳନା କରିଥିଲେ। ଆଜି ସମସ୍ତେ ଏକ ହୋଇ ଆମ୍ବେଦକରଙ୍କ ନୀତିକୁ ଅନୁସରଣ କରି ତାଙ୍କୁ ଦେଇଥିବା ବଚନ ଶିକ୍ଷିତ ହୁଅ, ସଂଘଠିତ ହୁଅ, ସଂଘର୍ଷ କର କହିଥିଲେ। ସଭାରେ ଖରିଆରରୁ ସୁବୁଦ୍ଧି ଶବର, କରୁଣାକର ମାଝୀ, ଜଗନ୍ନାଥ ଭୋଇ, ଚନ୍ଦ୍ର ଖଡ଼ିଆ, ବୋଡେନ ବ୍ଲକରୁ ମଝିଆ ମାଝୀ, ପ୍ରଦୀପ ମାଝୀ, ଭଗବାନ ମାଝୀ, ସିନାପାଲି ବ୍ଲକରୁ ଦୁର୍ବଳ ମାଝୀ, ଗିରିରାଜ ମାଝୀ, ପ୍ରସନ୍ନ ମାଝୀ ଓ ପ୍ରେମ ମାଝୀ, ସଦାକାର ମାଝୀ, ତୀରତ ମାଝୀ ଓ ବିଭିନ୍ନ ଆଦିବାସୀ ସମାଜର ପ୍ରମୁଖମାନେ ଯୋଗଦେଇଥିଲେ।

# କେସିଙ୍ଗା ବ୍ଲକର ୧, ୦୪, ୩୨୪ ଜଣ ଭୋଟର

## ଦୁଇଟି ନିର୍ବାଚନମଣ୍ଡଳୀରେ ଭାଗ ହୋଇ ମତଦାନ କରିବେ

**କେସିଙ୍ଗା, ୧୪।୪(ସମିସ):** କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ଆସୁଛି କେସିଙ୍ଗା ଏନ୍‌ଏସି ସମେତ ବ୍ଲକର ୧୭ ଗୋଟି ଗ୍ରାମ ପଞ୍ଚାୟତ। ଯାହାର ମୋଟ ଭୋଟର ସଂଖ୍ୟା ୭୪୯୫୦ ସେଥି ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୩୭୭୩୨ ହୋଇଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ୩୭୨୧୬ ଓ ତୃତୀୟ ଲିଙ୍ଗୀ ଭୋଟରଙ୍କ ସଂଖ୍ୟା ୨ ଓ ସେମାନେ ୮୭ଟି ବୁଥିରେ ନିଜର ମତଦାନ ସାବ୍ୟସ୍ତ କରିବେ ବୋଲି ବୋଲି ବ୍ଲକ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ସେହିପରି ନର୍ଲା ନିର୍ବାଚନମଣ୍ଡଳୀରେ ମଧ୍ୟ କେସିଙ୍ଗା ବ୍ଲକର ୭ଟି ଗ୍ରାମ ପଞ୍ଚାୟତର ୨୯୩୭୪ ଜଣ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ସେଥି ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧୫୦୬୦ ଏବଂ ମହିଳା ଭୋଟରଙ୍କ ସଂଖ୍ୟା ୧୪୩୧୩ ଓ ୧ ଜଣ ତୃତୀୟଲିଙ୍ଗୀ ଭୋଟର ଥିବା ଜଣାପଡ଼ିଛି।

# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**କେସିଙ୍ଗା, ୧୪।୪(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍‌ଏସି ଅନ୍ତର୍ଗତ ବୋରିଙ୍ଗ ପଦର ୱାର୍ଡ ନଂ ୭ରେ ସ୍ଥାନୀୟ ମା' ତାରିଣୀପୀଠରେ ପ୍ରଥମ ବର୍ଷ ଅଷ୍ଟପ୍ରହର ନାମଯଜ୍ଞ ରବିବାର ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଅଧିବାସ ଆରମ୍ଭ ହୋଇ ଶନିବାର ସକାଳୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥଲା। ଜିଲ୍ଲାର ସମୁଦାୟ ୬ଟି ସଙ୍କୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମ ସଙ୍କୀର୍ତ୍ତନ କରିଥିଲେ। ଚଳିତ ବର୍ଷ ଗଜାନନ ବନଛୋର ଓ ତାଙ୍କ ଧର୍ମପତ୍ନୀ ରଞ୍ଜିତା ବନଛୋର କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିବା ବେଳେ ସହଯୋଗୀ ଭାବରେ ରଶ୍ମିତା ହେରନା, ଅନ୍ନପୂର୍ଣ୍ଣା ବନଛୋର, ବେଣୀ ବନଛୋର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟପୂଜକ ଭାବରେ ପଣ୍ଡିତ କୁବେର ପଣ୍ଡା ଓ ତାଙ୍କ ସହିଯୋଗି ମନୋଜ କୁମାର ଅଗସ୍ତି ଓ ଜଗା ବଳିଆ ପାଢ଼ୀ ପୂଜାକାର୍ଯ୍ୟ ତୁଲାଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ବନଛୋର, ପ୍ରକାଶ ବନଛୋର, ଫକୀର କଟା, ସନ୍ତୋଷ ବନଛୋର, ପ୍ରଭାକର ବନଛୋର, ହେମନ୍ତ ବନଛୋର, ସନ୍ତ ପୋଡ଼, କାନ୍ତ ପୋଡ଼, ଯୋଗେଶ୍ୱର ବନଛୋର ପ୍ରମୁଖ ଉପସ୍ଥିତ ରହି ନାମଯଜ୍ଞକୁ ସୁନ୍ଦର ଭାବରେ ପରିଚାଳିତ କରିଥିଲେ।



# ଜିଲ୍ଲାପାଳଙ୍କ ଇଭିଏମ୍ ଷ୍ଟ୍ରଙ୍ଗ୍ ରୁମ୍ ପରିଦର୍ଶନ



**ବୌଦ୍ଧ, ୧୪।୪(ସମିସ):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଠାରେ ବୌଦ୍ଧ ଓ କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀ ଓ ଉଭୟ କ୍ଷେତ୍ରର ଲୋକସଭା ନିର୍ବାଚନ ପାଇଁ ହୋଇଥିବା ଇଭିଏମ ଷ୍ଟ୍ରଙ୍ଗ ରୁମ ଜିଲ୍ଲାପାଳ ଜେ ସୋନାଲ ପରିଦର୍ଶନ କରିଛନ୍ତି। ଷ୍ଟ୍ରଙ୍ଗ ରୁମର ସୁରକ୍ଷା ବ୍ୟବସ୍ଥା ଓ ଅନ୍ୟାନ୍ୟ ବିଷୟରେ ତଦାରଖ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ ସମେତ କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଓ ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀ ରିଟର୍ଣ୍ଣିଂ ଅଧିକାରୀ ତଥା ଉପ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

# ନଳକୂପ ଅଚଳ, ଲୋକେ ହନ୍ତସନ୍ତ

**ସୁବଳୟା, ୧୪।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଂହା ଗାଁ ମଝିରେ ଥିବା ଜଗନ୍ନାଥ ମନ୍ଦିର ପାଖ ନଳକୂପ ଦୁଇ ମାସ ହେବ ଅଚଳ ଅବସ୍ଥାରେ ପଡ଼ିରହିଛି। ଉକ୍ତ ନଳକୂପ ଉପରେ ନିର୍ଭର କରୁଥିବା ଦୁଇଟି ୱାର୍ଡର ଜନସାଧାରଣ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହି ନଳକୂପ ମରାମତି ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା ମରାମତି ହୋଇପାରିନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।



# ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ବିଷୁବ ମିଳନ ଓ କବିତା ପାଠ



**ବୌଦ୍ଧ, ୧୪।୪(ସମିସ):** ବୌଦ୍ଧ ସହର ଦାନୀସାହିସ୍ଥିତ କମ୍ୟୁନିଟୀ ସେଣ୍ଟର ଠାରେ ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ବିଷୁବ ମିଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ଉପସଭାପତି ସ୍ତମ୍ଭକାର ତଥା ଶିଶୁ ସାହିତ୍ୟିକ ଧ୍ରୁବ ଚରଣ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧିବକ୍ତା ସୁଧୀର କୁମାର କର୍ଣ୍ଣ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବରାଜ ନାଏକ ସମ୍ମାନିତ ଅତିଥି ଓ ସମ୍ପାଦକ ରମେଶ ପ୍ରସାଦ ମେହେର ମଞ୍ଚାସୀନ ଥିଲେ। ବିଷୁବ ସଂକ୍ରାନ୍ତି ଏକ କୃଷିଭିତ୍ତିକ ପର୍ବ, ପ୍ରକୃତିରୁ ଆମେ ଉପକୃତ ହୋଇଥାଉ, ଆମର ପ୍ରତିଟି ସାରସ୍ୱତ ସାହିତ୍ୟ ଆଲୋଚନା ସମାଜ ହିତ ପାଇଁ ହେବା ଆବଶ୍ୟକ ବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଶ୍ରୀ ମେହେର ଅତିଥି ପରିଚୟ କରିଥବା ବେଳେ ଚନ୍ଦ୍ରକାନ୍ତ ନାୟକ କବିତା ସଂଯୋଜନା କରିଥିଲେ। କବି ରାଜକୁମାର ପ୍ରଧାନ, ଦେବେନ୍ଦ୍ର କୁମାର ଦେହୁରୀ, ସତ୍ୟନାରାୟଣ ଦେହୁରୀ, ଦେବରାଜ ନାଏକ, ଦେବବ୍ରତ ପ୍ରସାୟତ, ଧ୍ରୁବ ଚରଣ ଘିବେଲା, ରାଧାମୋହନ ମହାରଣା, ବାଞ୍ଛାନିଧି ହୋତା, ରମେଶ ପ୍ରସାଦ ମେହେର, ଟଙ୍କଧର ସାହୁ, ଗିରୀଶ ଚନ୍ଦ୍ର ମହାକୁଳ ଓ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅନୁଷ୍ଠାନର ସଦସ୍ୟ ରାଜକୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଗୋଧନେଶ୍ୱର ଶୈବପୀଠରେ ମେରୁଯାତ୍ରା ଉଦ୍‌ଯାପିତ

# ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ମାନସିକ ବ୍ରତଧାରୀ ସାମିଲ

**ସୁବଳୟା, ୧୪।୪ (ସମିସ)**





ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର ଜଟେସିଂହା ପଞ୍ଚାୟତ ଅନ୍ତର୍ଗତ ମହାନଦୀ କୂଳରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ଗୋଧନେଶ୍ୱରଙ୍କ ଦଣ୍ଡ ଯାତ୍ରା (ମେରୁ) ଉଦଯାପିତ ହୋଇଯାଇଛି। ଏଥିରେ ଶତାଧିକ ପୁରୁଷ ବ୍ରତଧାରୀ ସାମିଲ ହୋଇଥିବା ବେଳେ ୫୦ ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଅଧିଆ ପଡ଼ିଥିଲେ। ଏହି ଯାତ୍ରାକୁ ଦେଖିବା ପାଇଁ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଦଣ୍ଡ ଯାତ୍ରା ଶୈବଶକ୍ତ ଉପାସନା ସହ ମନୋରଞ୍ଜନର ମାଧ୍ୟମ ଅଟେ। ଏହି ଯାତ୍ରା ବିଶେଷତଃ କୃଷି ଉପରେ ଆଧାରିତ ଓ ସମାଜକୁ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରିଥାଏ। ବାବା ଗୋଧନେଶ୍ୱରଙ୍କ ଦଣ୍ଡ ଯାତ୍ରା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ସମ୍ପନ୍ନ ହୋଇଛି। ଏହି ମେରୁ ଯାତ୍ରାର ଅନ୍ୟ ଏକ ଆକର୍ଷଣ ହେଉଛି ଝାମୁଯାତ୍ରା। ମାନସିକଧାରୀମାନେ ନିର୍ଜଳା ଉପବାସ ରହି ମହାଦେବଙ୍କୁ ଆରାଧନା କରିଥାନ୍ତି। ପ୍ରଚଣ୍ଡ ଖରାରେ ନିଜକୁ କଷ୍ଟସାଧ ଦେଇ ପାଣି ଦଣ୍ଡ, ଧୂଳି ଦଣ୍ଡରେ ସାମିଲ ହୋଇ ମହାଦେବଙ୍କୁ ସନ୍ତୁଷ୍ଟ କରିଥାନ୍ତି। ଫଳରେ ଏଭଳି କରିବା ଦ୍ୱାରା ମାନସିକ ପୂରଣ ହୁଏ ବୋଲି ପୂର୍ବରୁ ବିଶ୍ୱାସ ରହିଛି। ଏହି ଅବସରରେ ହଜାର ହଜାର ଭକ୍ତ ଓ ମାନସିକଧାରୀ ମେରୁଯାତ୍ରାରେ ସାମିଲ ହୋଇଥିଲେ। ବଡଖମାର ସ୍ୱାଇଁ ପରିବାର ଓ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ସର୍ବତ, ପଣା, ସହ ପାଣି ବଣ୍ଟନ କରାଯାଇଥିଲା। ଶାନ୍ତି ଶୃଙ୍ଖଳାର ପାଇଁ ସୁବଳୟା ପୁଲିସ ମୁତୟନ ହୋଇଥିଲେ। ସେହିପରି ବ୍ଲକର ସୁବଳୟା, ପିତାମହୁଲ, କମିରା, ଟେଭାପଦର, ସୁନାରିବେନି, ଗୌଡଡଗାଡ, ଟିଠିପାଲି, କମଲପୁର, ଉଫୁଲା, ବାଗବର, ତେନ୍ତୁଳିମହଦା, ଚଉକା, ବର୍ଡାକଟା ପ୍ରମୁଖ ସ୍ଥାନରେ ମେରୁ ଯାତ୍ରା ପାଳିତ ହୋଇଥିବା ଜଣାଯାଇଛି।

**ପ୍ରଚଣ୍ଡ ଖରାରେ ମାଁଙ୍କ ଆରାଧନା**

# ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ

**ବୌଦ୍ଧ, ୧୪।୪(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଡ. ବି.ଆର ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବୌଦ୍ଧ ବସଷ୍ଟାଣ୍ଡ ଏବଂ ଏଲଆଇସି କଲୋନୀସ୍ଥିତ ଗାଈଗୋଠ ପଡ଼ିଆ ଏବଂ ସହରର ବିଭିନ୍ନ ସ୍ଥାନରେ ସଫେଇ କର୍ମଚାରୀଙ୍କ ଦ୍ୱାରା ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ସାଢେ ୮ଟାରେ ତହସିଲ କାର୍ଯ୍ୟାଳୟସ୍ଥିତ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଜେ. ସୋନାଲ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନମୋହନ ପାତ୍ର, ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ, ଶିକ୍ଷକ ନବ କୁମାର ଦୀପ, ସିଆରସିସି ସତ୍ୟନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ପ୍ରତାପ କୁମାର ରଥ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟରେ ପ୍ରାଥମିକ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ଏବଂ ମଧ୍ୟଇଂରାଜୀ ଓ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ପ୍ରଧାନଶିକ୍ଷକ ପ୍ରଦିପ କୁମାର ମହାନ୍ତି, ଅଧ୍ୟାପକ ପ୍ରତାପ କୁମାର ରଥ, ଶିକ୍ଷକ ନବକିଶୋର ଦୀପ, ସାହିତ୍ୟିକ ନୀଳଲୋହିତ ମହାପାତ୍ର ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ।

ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ୍ୟରଞ୍ଜନ ରାୟ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୁର୍ଯ୍ୟୋଧନ ବିଶି, ଶିକ୍ଷୟିତ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ରାଜଲକ୍ଷ୍ମୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ପୁରସ୍କୃତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର ସିଂହ ପରିଚାଳନା କରିଥିଲେ।





**ହରଭଙ୍ଗା:** ହରଭଙ୍ଗା ବ୍ଲକ ଉଦୟପୁରଠାରେ ଆଞ୍ଚଳିକ ଅନୁସୂଚିତ ଶିକ୍ଷାବିତ୍ ସଂଘ ପକ୍ଷରୁ ଭାରତରତ୍ନ ଡ଼ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୩ତମ ଜନ୍ମବାର୍ଷିକୀ ପାଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ମୂରଲୀଧର କଅଁର ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଂଶୀଧର କଅଁର ଓ ସୁରେଶ କଅଁର ଯୋଗ ଦେଇ ନିଜସ୍ୱ ମତ ରଖିଥିଲେ। ସଂଘର କର୍ମକର୍ତ୍ତା ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ରଞ୍ଜିତ ନାଏକ ସଭା ପରିଚାଳନା କରିଥିବା ବେଳେ ରାଜୀବ କଅଁର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଓମ୍ ସାଇ ଯୁବକ ସଂଘ ଛତରଙ୍ଗ ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି। ନିତ୍ୟାନନ୍ଦ ନାଏକ, ପଙ୍କଜ କହଁରଙ୍କ ସହିତ ପ୍ରଶାନ୍ତ ସିଂ, ସୁଶାନ୍ତ ସିଂ, ଶୈଳସୂତ କହଁର, ଶଙ୍କର ବେହେରା, ଦୁଷ୍ମନ୍ତ କହଁର, କେଦାର ନାଏକ, ଅଜୟ ବେହେରା, ବିମଳ ବେହେରା ପ୍ରମୁଖ ଯୋଗ ଦେଇଥିଲେ।



**● ରାମଚରିତ ମାନସ ପାରାୟଣ ଓ ପ୍ରବଚନ ଉଦ୍‌ଯାପିତ**

# ପ୍ରଭୁ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ରାଜ୍ୟାଭିଷେକ

**କନ୍ଧମାଳ, ୧୪।୪(ସମିସ):** କନ୍ଧମାଳ ଶ୍ରୀରାମ ଚରିତ ମାନସ ପାରାୟଣ ଭକ୍ତ ବୃନ୍ଦଙ୍କ ଆନୁକୂଲ୍ୟରେ କନ୍ଧମାଳ ବ୍ଲକଛକ ସ୍ଥିତ ଶ୍ରୀରାମ ମନ୍ଦିରଠାରେ ନଅ ଦିନ ବ୍ୟାପି ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନକାର୍ଯ୍ୟକ୍ରମ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ଶନିବାର ରାତିରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ହୃଦୟରେ ଶ୍ରୀରାମ ପ୍ରେମ ଜାଗ୍ରତ କରି ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସରେ ପ୍ରଭୁ ଶ୍ରୀରାମଙ୍କ ରାବଣ ବଦ୍ଧ ଓ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଏବଂ ରାଜ୍ୟାଭିଷେକର ଅମୃତମୟ କଥା ଶ୍ରବଣ କରିବାପାଇଁ ବହୁ ସଂଖ୍ୟାରେ ରାମ ପିପାସୁ ଭକ୍ତ ତଥା ସଜ୍ଜନମଣ୍ଡଳୀ ଯୋଗ ଦେଇଥିଲେ। ସକାଳେ ସୁବର୍ଣ୍ଣପୁର ଜିଲ୍ଲା ତେଲେଣ୍ଡା ଗ୍ରାମର ପାରାୟଣ ବ୍ୟାସ ଗୋବର୍ଦ୍ଧନ ମିଶ୍ର ଓ ସନ୍ଧ୍ୟାରେ ଘଟିକିଆ ଭୁବନେଶ୍ୱରର ଶ୍ରୀରାମ କଥାବାଚକ ବୈଦ୍ୟନାଥ ଦାଶ ପ୍ରବଚନ ପ୍ରଦାନ କରିଥିଲେ। ଶ୍ରୀରାମ ଚରିତ ମାନସ ଆୟୋଜନ କମିଟି ସଭାପତି ସନ୍ତୋଷ କୁମାର ବିଶି, ସମ୍ପାଦକ ଦାମୋଦର ସ୍ୱାଇଁ, ସନତ କୁମାର ମିଶ୍ର, ନୀଳାଞ୍ଚଳ ଗୁରୁ, ରବୀନ୍ଦ୍ର କୁମାର ମହାପାତ୍ର, ହରିବନ୍ଧୁ ପୁରୋହିତ, ରାଜ କିଶୋର ମିଶ୍ର, ମନୋଜ କୁମାର ରାଜହଂସ, ଜୟ କୁମାର ମହାରଣା, ପୂର୍ଣ୍ଣଚରଣ ସାହୁ, ଗୌରାଙ୍ଗ ବରର୍ତ୍ତୀ, ଅପର୍ତ୍ତି ପ୍ରଧାନ, ପ୍ରଦୀପ ପ୍ରଧାନ ସମେତ ବହୁ ସଂଖ୍ୟାରେ ମହିଳା ଭକ୍ତ ଯୋଗ ଦେଇଥିଲେ।

# ଜିଲ୍ଲାର ବିଭିନ୍ନ ସ୍ଥାନରେ ପଣା ସଂକ୍ରାନ୍ତି







**ହରଭଙ୍ଗା, ୧୪।୪(ସମିସ)**

ପବିତ୍ର ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ଜିଲ୍ଲାର ବିଭିନ୍ନ ସ୍ଥାନରେ ଆନନ୍ଦଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ଦିନ ହିନ୍ଦୁ ଶାସ୍ତ୍ର ପାଞ୍ଜି ଅନୁଯାୟୀ ନୂତନ ବର୍ଷର ଶୁଭାରମ୍ଭ ହୋଇଥିବା ବେଳେ ବିଷୁବ ସଂକ୍ରାନ୍ତି ପାଇଁ ଗାଁଗଣ୍ଡା ଉତ୍ସବମୁଖର ହୋଇପଡ଼ିଛି। ଏହି ଅବସରରେ ଘରେ ଘରେ ଦେବାଦେବୀଙ୍କୁ ପୂଜାର୍ଚ୍ଚନା ପରେ ପଣା ଭୋଗ ଲାଗି କରାଯାଇଥିଲା। ପରିବାର ସହ ପଣା ତିଆରି ମଜା ନେଇଛନ୍ତି ଲୋକେ। ଅନ୍ୟପଟେ ଜିଲ୍ଲାର ବିଭିନ୍ନ ସ୍ଥାନରେ ମେରୁ ଯାତ୍ରା ବା ଦଣ୍ଡ ଯାତ୍ରାର ଅନ୍ତିମ ଦିବସ ଅନୁଷ୍ଠିତ ହେଉଥିବା ବେଳେ ତିଳେଶ୍ୱର ଠାରେ ପାରମ୍ପରିକ ଲୋକ ଦଣ୍ଡ ନୃତ୍ୟ ବା ମେରୁ ଯାତ୍ରା ମଧ୍ୟ ମହାସମାରୋହରେ ପାଳିତ ହୋଇଛି। ଦଣ୍ଡୁଆ ମାନେ ମଧ୍ୟାହ୍ନ ଖରାରେ ଛତି ଛତ୍ର ବାଜା ଢୋଲ, ନିଶାନ ସହ ଦଣ୍ଡୁଆଳୀ ନୃତ୍ୟ ଗୀତ ଦ୍ୱାରା ଶିବ ଓ କାଳିଙ୍କୁ ନେଇ ମେରୁ ଘର ପର୍ଯ୍ୟନ୍ତ ପହଞ୍ଚିଥିଲେ। ସେଠାରେ ଦଣ୍ଡ ନୃତ୍ୟର ଷୋଳ ଶୁଆଙ୍ଗ ଅଭିନୟ କରି ସାରିବା ପରେ ପଣା ଭୋଗ ଲାଗି ହୋଇଥିଲା। ପରେ ଦଣ୍ଡୁଆମାନେ ପ୍ରସାଦ ଭାବେ ପଣା ଗ୍ରହଣ କରିଛନ୍ତି। ପଣା ସଂକ୍ରାନ୍ତି ଅବସରରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ ହରଭଙ୍ଗା ବ୍ଲକ ପକ୍ଷରୁ ସାଧାରଣରେ ପଣା ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ଆସୋସିଏସନ ର ସଭାପତି ବନମାଳୀ ପ୍ରଧାନ, ସମ୍ପାଦକ ଭାଗବତ ମେହେର, ଉପ ସଭାପତି ଶାଶ୍ୱତ ଦାସ, ସହ ସମ୍ପାଦକ ସିମୁନ ନାଏକଙ୍କ ସମେତ ବିଭୂଦତ୍ତ ବୋଷ, ସୁଶାନ୍ତ ବେହେରା, ଅକ୍ଷୟ ମହାକୁଡ଼, ପ୍ରଭାତ ନାୟକ ସହଯୋଗ କରିଥିଲେ। ତିଳେଶ୍ୱର ଆଞ୍ଚଳିକ ଦଣ୍ଡ ନୃତ୍ୟ କମିଟି ପକ୍ଷରୁ ପଣା ବଣ୍ଟନ ସହ ଯାତ୍ରାକୁ ଦଣ୍ଡ କମିଟିର ସଭାପତି ବିକାଶ ରଞ୍ଜନ ମିଶ୍ର, ଗୋପବନ୍ଧୁ ପ୍ରଧାନ, ନାରାୟଣ ମହାନ୍ତି, ଶୁଭ୍ରଜିତ ପ୍ରଧାନ, ପ୍ରବୀଣ ବେହେରା ପ୍ରମୁଖ ସହଯୋଗ କରିଥିଲେ।

**ଉଲୁଣ୍ଡା:** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ସିଣ୍ଡୋଲରେ ପବିତ୍ର ପଣା ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ଧୂମଧାମରେ ପାଳନ ହୋଇଯାଇଛି। ସିଣ୍ଡୋଲର ୧୭ତମ ବାର୍ଷିକ ଶ୍ରୀ ଶ୍ରୀ ହନୁମାନ ଜୟନ୍ତୀ ମହୋତ୍ସବରେ ଭୋରରୁ ହନୁମାନ ଜୟନ୍ତୀ ପୂଜା କମିଟିର ଭକ୍ତମାନେ ସାମୂହିକ ଭାବେ ମନ୍ଦିରରେ ୧୦୮ ଥର ହନୁମାନ ଚାଳିଶା ପଠନ କରିବା ସହିତ ନୀତିକାନ୍ତି ଭାବରେ ପୂଜାର୍ଚ୍ଚନା କରିଥିଲେ। ଦର୍ଶନ ପାଇଁ ଶତାଧିକ ଭକ୍ତ ମନ୍ଦିରକୁ ଆସିଥିବା ବେଳେ ସେମାନଙ୍କ ପାଇଁ ପଣା ଏବଂ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ପଣା ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ଅବସରରେ ଗାଁରେ ଏକ ଉଦଣ୍ଡ ସଂକୀର୍ତ୍ତନ ବୈଠକର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଆଖପାଖ ଗାଁରୁ ଅନେକ ଲୋକେ ଆସି ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସୁନାମଧନ୍ୟ ସଂକୀର୍ତ୍ତନ ଗାୟିକା ସୁନିତା ସାହୁ ଏବଂ ନିକିତା ସାହୁ, ସ୍ଥାନୀୟ ସରପଞ୍ଚ ତଥା ସଂକୀର୍ତ୍ତନ ଗାୟକ ପ୍ରଦୀପ ଦେହେରୀ, ସ୍ଥାନୀୟ ସମିତି ସଭ୍ୟ ହୃଦାନନ୍ଦ ମେହେର, ସମାଜସେବୀ ଛନ୍ଦା ଚରଣ ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ ପତ୍ରାପାଲି ସରପଞ୍ଚ ସନାତନ ମହାଲିଙ୍ଗ, ସଂକୀର୍ତ୍ତନ ଗାୟକ ନିତ୍ୟାନନ୍ଦ ସାହୁ, ସନ୍ତୋଷ କୁମାର ସାହୁ, ଜୟରାମ ମେହେର, ସୁଦାମ ବୁଢେକ ଏବଂ ଚନ୍ଦନ ମାହାର ମଧ୍ୟ ସାମିଲ ହୋଇଥିଲେ। ସେହିପରି ସିଣ୍ଡୋଲ ବସଷ୍ଟାଣ୍ଡ, ମାଟୁପାଲି, ଉଲୁଣ୍ଡା ଆଦି ସ୍ଥାନରେ ମଧ୍ୟ ବିଭିନ୍ନ ଅନୁଷ୍ଠାନ ଏବଂ ବଜରଙ୍ଗ ଦଳ ପକ୍ଷରୁ ମଧ୍ୟ ପବିତ୍ର ପଣା ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ପାଳନ ହୋଇଥିବା ସହିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ବଜରଙ୍ଗ ଦଳ ତରଫରୁ ହନୁମାନ ଜୟନ୍ତୀ ପାଳିତ

**ବୌଦ୍ଧ, ୧୪।୪(ସମିସ):** ପବିତ୍ର ପଣା ସଂକ୍ରାନ୍ତି, ଓଡିଆ ନବବର୍ଷ ତଥା ହନୁମାନ ଜୟନ୍ତୀ ପାଳନ ଅବସରରେ ବୌଦ୍ଧ ଜିଲ୍ଲା ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ସାଢେ ୮ଟାରେ ଧ୍ୱଜା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବଜରଙ୍ଗ ଦଳର ଏକ ବିଶାଳ ବାଇକ ଶୋଭାଯାତ୍ରା ସ୍ଥାନୀୟ ମାତଙ୍ଗେଶ୍ୱର ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ସଞ୍ଜିବ କୁମାର ସାହୁ ଓ ସହ-ସଂଯୋଜକ ଚକିତ କୁମାର ଭଞ୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଜରଙ୍ଗ ଦଳର ଆକାଶ କୁମାର ମେହେର, କୁନ୍ଦନ ଅଗ୍ରୱାଲା, ମିଥୁନଙ୍କ ସମେତ ଶତାଧିକ ବଜରଙ୍ଗୀ ଭାଇଙ୍କ ସହିତ ବିଶ୍ୱହିନ୍ଦୁ ପରିଷଦ ବୌଦ୍ଧ ଜିଲ୍ଲା ସଭାପତି ଶମ୍ଭୁ ପ୍ରସାଦ ମିଶ୍ର, ସମ୍ପାଦକ ପ୍ରେମାନନ୍ଦ ମିଶ୍ର, ବୀରେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ସଂଖ୍ୟାରେ କର୍ମକର୍ତ୍ତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସମସ୍ତେ ଗେରୁଆ ପୋଷାକ ପରିଧାନ କରିଥିବାବେଳେ ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇଉଠିଥିଲା। ଗେରୁଆ ବାନାରେ ଆଚ୍ଛାଦିତ ହୋଇ ସାରା ସହର ଗେରୁଆମୟ ହୋଇଉଠିଥିଲା। ହନୁମାନ ଜୟନ୍ତୀ ଅବସରରେ ବୌଦ୍ଧ ମହାନଦୀ ମଧ୍ୟରେ ଥିବା ସିଦ୍ଧ ହନୁମାନ ମନ୍ଦିର ନିକଟରେ ବିଶ୍ୱ ଶାନ୍ତି ହୋମଯଜ୍ଞ ସହ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ଚାଳିଶା ପାଠ ପରେ ପୂର୍ଣ୍ଣାହୂତି ଦିଆଯାଇଥିଲା। ସନ୍ଧ୍ୟାରେ ସମସ୍ତ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।



